## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ହିନ୍ଦୁ ପ୍ରତିଷ୍ଠା ଦିବସ। ସ୍ଥାନ-କାର୍ଗିଲ ପଡ଼ିଆ ସମ୍ମୁଖ। ସମୟ-ସକାଳ ୬ଟା ।
- ରଜ ଉତ୍ସବ। ସ୍ଥାନ-ବିଜୁ ପଟ୍ଟନାୟକ ପାର୍କ। ସମୟ-ସକାଳ ୭ଟା ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମାବର୍ତ୍ତନ ଉତ୍ସବ



**କବିସୂର୍ଯ୍ୟନଗର,୧୪।୬:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୦୧୮-୧୯ ବର୍ଷର ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି କେ. ପୁରୁଷୋତ୍ତମ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ମିହିର କୁମାର ଶତପଥୀ, ସମ୍ପାଦକ ପଞ୍ଚାନନ ନାୟକ, କୋଷାଧକ୍ଷ ଜନାର୍ଦ୍ଦନ ପାତ୍ର, ସହ ସମ୍ପାଦକ ବଂଶୀଧର ପ୍ରଧାନ, ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ଉପସ୍ଥିତ ରହି କୃତକାର୍ଯ୍ୟ ଏ୧ ଗ୍ରେଡ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଠିକାଦାରଙ୍କୁ ବଟି ମାଗି ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୪।୬:** ଜଣେ ଠିକାଦାରଙ୍କୁ ବଟି ମାଗିବା ସହ ତାଙ୍କ ଜେସିବି ମେଶିନ ଭଙ୍ଗାରୁଜା କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଗୁଣ୍ଡବନ୍ଧ ଗ୍ରାମର ନାରାୟଣ ଜେନା (୨୧)। ମାମଲା ନଂ. ୧୪୯/୧୯ ପ୍ରକାରେ ନାରାୟଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ କହିଛନ୍ତି । ପ୍ରକାଶ ଯେ, ଠିକାଦାର ଦାଶରଥି ପଣ୍ଡା ଗୁଣ୍ଡବନ୍ଧ ଗ୍ରାମରେ ପଞ୍ଚାୟତ ତରଫରୁ ଏକ ନାଳ କାମ ନେଇଥିଲେ। ୧୨ ତାରିଖରେ କାମ ଚାଲିଥିବା ବେଳେ ନାରାୟଣ ସେଠାରେ ପହଞ୍ଚି ଜେସିବି ମେଶିନ ଡ୍ରାଇଭରଙ୍କୁ କୌଣସି କଥାକୁ ନେଇ ମାଡ଼ ମାରିଥିଲେ। ଦାଶରଥି ଏହାର ପ୍ରତିବାଦ କରିବାରୁ ନାରାୟଣ ତାଙ୍କୁ ମଧ ଆକ୍ରମଣ କରି ଆମ ଗାଁରେ କାମ କରୁଛ, ଏଣୁ ମାସକୁ ୩୦ ହଜାର ଟଙ୍କା ବଟି ଦେବାକୁ ହେବ ବୋଲି କହିଥିଲେ। ନଚେତ ଏଠାରେ କାମ କରିପାରିବନି ବୋଲି ସେ ଧମକ ଦେଇଥିଲେ। ଦାଶରଥି ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

## ଦୁର୍ଘଟଣା: ଯୁବକ ଆହତ

**ପାରଳାଖେମୁଣ୍ଡି,୧୪।୬ (ସ୍ୱ.ପ୍ର.):** ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ୍ ରାମଗିରି-ଛେଳିଗଡ ରାସ୍ତାରେ ଏକ ବାଇକ ଦୁର୍ଘଟଣାରେ ପାରଳାଖେମୁଣ୍ଡିର ରାମ ପ୍ରସାଦ ପଟ୍ଟନାୟକ ଆହତ ହୋଇଛନ୍ତି। ଆହତ ଯୁବକ ନିଜ ବାଇକ ନଂ-(ଓଡି୧୮ଏଫ୍ ୬୮୩୦) ଯୋଗେ ପାରଳାଖେମୁଣ୍ଡିରୁ ରାମଗିରି ଦେଇ ଛେଳିଗଡ଼ ଦିଗକୁ ଯିବା ସମୟରେ ହଠାତ ଅପର ପାର୍ଶ୍ୱରୁ ଆସୁଥିବା ଅନ୍ୟ ଜଣେ ବାଇକ୍ ନଂ-(ଓଆର୍୦୭ଡି ୫୧୫୬) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା।

## କଲିକତାରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା

# ଆନ୍ଦୋଳନକୁ ଓହ୍ଲାଇଲେ ବ୍ରହ୍ମପୁରର ଡାକ୍ତର

- ଓମ୍ସା, ଏମ୍କେସିଜିରେ ବିକ୍ଷୋଭ ପ୍ରଦର୍ଶନ
- ଆକ୍ରମଣକାରୀଙ୍କୁ ୭ବର୍ଷ ଜେଲ୍ ଦଣ୍ଡମିଳୁ: ଆଇଏମ୍ଏ

ବ୍ରହ୍ମପୁର ଅଫିସ୍,୧୪।୬

କଲିକତାସ୍ଥିତ ନୀଲରତନ ସିରକାର ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଜଣେ ୭୫ବର୍ଷୀୟ ରୋଗୀଙ୍କ ମୃତ୍ୟୁ ପରେ ସମ୍ପର୍କୀୟମାନେ ୨ ଜଣ ଡାକ୍ତରଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ପଶ୍ଚିମବଙ୍ଗ ସରକାର ଚୁପ୍ ରହିବା ସହ ଆକ୍ରମଣକାରୀଙ୍କୁ ଗିରଫ କରୁ ନ ଥିବା ଅଭିଯୋଗ ଆଣି ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନ କରୁଛନ୍ତି । ଶୁକ୍ରବାର ବ୍ରହ୍ମପୁରରେ ମଧ ଏହି ଘଟଣାକୁ ନେଇ ଡାକ୍ତରଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ବିଭିନ୍ନ ସଂଗଠନ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଓଡ଼ିଶା ମେଡ଼ିକାଲ୍ ସର୍ଭିସ୍ ଆସୋସିଏଶନ୍ (ଓମ୍ସା) ତରଫରୁ ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି । ଓମ୍ସାର ରାଜ୍ୟ ସଭାପତି ଡା. ନିରାକର ଭଞ୍ଜଙ୍କ ନେତୃତ୍ୱରେ ବ୍ରହ୍ମପୁର ସିଟି ହସ୍ପିଟାଲ୍ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବନାର୍ଜୀ ତୁରନ୍ତ ଡାକ୍ତରଙ୍କ ସହ ଆଲୋଚନା କରି ଘଟଣାକୁ ସମାଧାନ କରିବାକୁ ଦାବି କରାଯାଇଛି । ଯେଉଁମାନେ ଜୁନିୟର୍ ଡାକ୍ତରଙ୍କୁ ଆକ୍ରମଣ କରିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସ୍ଲୋଗାନ୍ ଦିଆଯାଇଥିଲା । ଦେଶରେ ଡାକ୍ତରମାନେ ବିଭିନ୍ନ ସମୟରେ ଆକ୍ରମଣର ଶିକାର ହେଉଛନ୍ତି । ସେମାନେ ଭୟରେ କାମ କରୁଛନ୍ତି। ଜୀବନ ପ୍ରତି ବିପଦ ଦେଖାଦେଉଛି। ତେଣୁ ତୁରନ୍ତ କେନ୍ଦ୍ର ସରକାର ଡାକ୍ତରଙ୍କ ସୁରକ୍ଷା ପାଇଁ ବିଲ୍ ଆଣନ୍ତୁ ବୋଲି ଓମ୍ସାର ସଭାପତି ଡା. ଭଞ୍ଜ ଦାବି କରିଛନ୍ତି । ଓଡ଼ିଶା ସରକାର ତୁରନ୍ତ ଏନେଇ ଏକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାନ୍ତୁ ବୋଲି ସେ କହିଛନ୍ତି । ଏହି ଅବସରରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପାଣିଗ୍ରାହୀ, ସିଟି ହସ୍ପିଟାଲ୍ ସୁପରିଟେଣ୍ଡେଣ୍ଟ ପି.କୁର୍ମୈୟା, ଡା. ଶଙ୍କର୍ଷଣ ପାତ୍ର, ଡା. ପ୍ରମୋଦ ପଟ୍ଟନାୟକ, ଡା. ଭବାନୀଶଙ୍କର ମିଶ୍ର, ଡା. ଗୋପାଳ ପଟ୍ଟନାୟକ, ଡା. ଶରତ ସାମଲ, ଡା. ଅଶୋକ କୁମାର ମଲ୍ଲିକ, ଡା. ସୁଶାନ୍ତ ବେହେରା, ଡା. କୃଷ୍ଣମୋହନ ରଥ, ଡା. ରାଜେନ୍ଦ୍ର ସାହୁ, ଡା. ରଞ୍ଜିତ କୁମାର ପାତ୍ର, ଡା. ଶୁଭକାନ୍ତ ଦାସ ପ୍ରମୁଖ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୩ ଦିନ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏଭଳି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଓମ୍ସାର ରାଜ୍ୟ ସଭାପତି ଡା. ଭଞ୍ଜ ପ୍ରକାଶ କରିଛନ୍ତି ।

ସେହିଭଳି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ୟୁଜି, ପିଜି, ହାଉସ୍ ସର୍ଜନ ଏବଂ ଅନ୍ୟାନ୍ୟ ବିଭାଗର ଡାକ୍ତରମାନେ ଏହି ବିକ୍ଷୋଭରେ ସାମିଲ ଥିଲେ। ଅନ୍ୟପଟେ ଇଣ୍ଡିଆନ୍ ମେଡ଼ିକାଲ୍ ଆସୋସିଏଶନ (ଆଇଏମ୍ଏ)ର ବ୍ରହ୍ମପୁର ଶାଖା ପକ୍ଷରୁ ମଧ୍ୟ ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି । ଏକ ସ୍ମାରକପତ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ପାଖକୁ ଆସୋସିଏଶନ୍ ତରଫରୁ ପଠାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି, ସୁରକ୍ଷିତ ବାତାବରଣରେ କାମ କରିବାର ଅଧିକାର ସମସ୍ତ ବୃତ୍ତିର ଲୋକଙ୍କର ରହିଛି। ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ଡାକ୍ତର, କର୍ମଚାରୀ ଏବଂ ଅଧିକାରୀଙ୍କୁ ଆକ୍ରମଣ ନିନ୍ଦନୀୟ। ଦେଶରେ ଜନସଂଖ୍ୟା ସହ ରୋଗୀଙ୍କ ସଂଖ୍ୟା ବଢୁଛି । କିନ୍ତୁ ଡାକ୍ତରଙ୍କ ସଂଖ୍ୟା ବଢୁନି। ତଥାପି ଡାକ୍ତରମାନେ ଯଥାସମ୍ଭବ ସେବା ଯୋଗାଇବାକୁ ଚେଷ୍ଟା କରୁଛନ୍ତି। ଡାକ୍ତରଙ୍କ ପ୍ରତି ବଢୁଥିବା ହିଂସାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ହେବା ଆବଶ୍ୟକ । ଲୋକମାନଙ୍କୁ ସଚେତନ କରିବା ଜରୁରୀ । ଏଣୁ ତୁରନ୍ତ ଡାକ୍ତରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍‌ର ଆବଶ୍ୟକତା ରହିଛି । ଆକ୍ରମଣକାରୀଙ୍କୁ ସର୍ବନିମ୍ନ ସାତବର୍ଷ ଜେଲ୍ ଦଣ୍ଡ ଦିଆଯାଉ । ମେଡ଼ିକାଲ୍‌ଗୁଡ଼ିକ ସ୍ୱତନ୍ତ୍ର ସୁରକ୍ଷିତ ଜୋନ୍ ଭାବେ ଘୋଷଣା କରାଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ । କେନ୍ଦ୍ର ସରକାର ଏଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସଭାପତି ଡା. ସୁରେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ଡା. କମଳାକାନ୍ତ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ତଥା କୋଷାଧ୍ୟକ୍ଷ ଡା. ଦେବାଶିଷ ପାଢ଼ୀ ପ୍ରମୁଖ ଦାବି କରିଛନ୍ତି ।



ବ୍ରହ୍ମପୁର ସିଟି ହସ୍ପିଟାଲ୍ ଠାରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧିଛନ୍ତି।

## ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୪।୬

ଗାଧୋଇବାକୁ ଯାଇ ପୋଖରୀରେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ସଦର ଥାନା ପୋଲିସ ଉଦ୍ଧାର କରିଛି। ସେ ହେଲେ ଆଙ୍କୁଶପୁର ଗ୍ରାମର ଯୁଧିଷ୍ଠିର ଗୌଡ଼ (୩୧)। ଯୁଧିଷ୍ଠିର ନିଜ ଶ୍ୱଶୁର ଘର ଗାଁ ଜଗଦଳପୁରରେ ଘର ଭଡାନେଇ ସ୍ତ୍ରୀଙ୍କ ସହ ରହୁଥିଲେ। ଗୁରୁବାର ସକାଳେ ଗାଧୋଇ ଯାଉଛି ବୋଲି ସେ ଘରେ କହି ପିଲାଖାଇ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ସ୍ତ୍ରୀ ତନୁ ପୋଖରୀ ନିକଟକୁ ଯାଇ ଖୋଜିଥିଲେ । ସେ ସମୟରେ ପୋଖରୀରେ ଗାଧୋଉଥିବା ଲୋକେ ବି ଯୁଧିଷ୍ଠିରଙ୍କୁ ଦେଖି ନ ଥିବା କହିଥିଲେ। ଏ ନେଇ ତନୁ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ମଧ ପହଞ୍ଚି ବହୁ ସମୟ ପାଣିରେ ଖୋଜାଖୋଜି କରିଥିଲେ ମଧ ଯୁଧିଷ୍ଠିରଙ୍କ ପତ୍ତା ମିଳି ନ ଥିଲା। ଶୁକ୍ରବାର ସକାଳେ ପୋଖରୀରେ ଏକ ମୃତଦେହ ଭାସୁଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଗାଁ ଲୋକଙ୍କ ସହାୟତାରେ ମୃତଦେହ ଉଦ୍ଧାର କରାଯିବା ପରେ ତାହା ଯୁଧିଷ୍ଠିରଙ୍କର ବୋଲି ତନୁ ଚିହ୍ନଟ କରିଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ନଂ.୧୯/୧୯ରେ ଏକ ଅପମୃତ୍ୟୁ ମାମଲା ହୋଇଛି।



ଶୁକ୍ରବାର ପହିଲି ରଜରେ ବ୍ରହ୍ମପୁର ସହରରେ ପିଲାମାନେ ଦୋଳି ଖେଳର ମଜା ନେଉଛନ୍ତି । (ଫଟୋ-ସମୀର)

## ରକ୍ତଦାତା ଦିବସରେ ବିଧାୟକ ଦେଲେ ରକ୍ତ

ବ୍ରହ୍ମପୁର ଅଫିସ୍,୧୪।୬

ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ସଂଘ(ଏଭିବିଡ଼ି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲ୍‌ରେ ଶୁକ୍ରବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରି ଅନ୍ୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବ୍ରହ୍ମପୁରରେ କାହାରି କେବେ ରକ୍ତ ଅଭାବରୁ ମୃତ୍ୟୁ ଘଟିବାକୁ ଦିଆଯିବ ନାହିଁ । ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଦେଲେ, ତୁରନ୍ତ ଜଣାଇଲେ, ଶିବିର ଆୟୋଜନ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ରକ୍ତ ଭଣ୍ଡାରର ଡା. ରଶ୍ମିତା ପାଣିଗ୍ରାହୀ ଏବଂ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସଂଘର ରମାକାନ୍ତ ରଥ, ସଂପାଦକ ସୁଶାନ୍ତ ଘୋଷ, ପ୍ରତିଷ୍ଠାତା ସଭାପତି ଇ.ଟି. ରାଓ, ବି.ସର୍ବେଶ୍ୱର ରାଓ ସୁବୁଦ୍ଧି, ରାଜା ସୁରେଶଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆଇନାବନ୍ଧରେ ବୋମାମାଡ଼

ବ୍ରହ୍ମପୁର ଅଫିସ,୧୪।୬

ବଡବଜାର ଥାନା ଅନ୍ତର୍ଗତ ଆଇନାବନ୍ଧ ସାହିରେ ଗୁରୁବାର ରାତିରେ ବୋମାମାଡ ହୋଇଥିଲା। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ବୋମାମାଡ ହୋଇଥିବା ଘରର କାଚ ଫାଟିଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ସେମାନେ ୨ ଭାଇ ବୋଲି ସୂଚନା ମିଳିଛି। ଜମିଜମାକୁ କେନ୍ଦ୍ରକରି ଜଣେ ଭାଇ ଅନ୍ୟ ଭାଇ ଘରେ ବୋମାମାଡ କରିଥିବା ପୋଲିସ କହିଛି । ଥାନାରେ ଏ ନେଇ କେହି ଅଭିଯୋଗ କରି ନ ଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି ।

## ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା



କନିଆରୀ ପଞ୍ଚାୟତରେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା।

କବିସୂର୍ଯ୍ୟନଗର,୧୪।୬

କବିସୂର୍ଯ୍ୟନଗର ବ୍ଲକ କନିଆରୀ ପଞ୍ଚାୟତରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏଥିରେ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଲାଗି ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁଆନପଲ୍ଲୀ, ମାଧିଆପଲ୍ଲୀ, କୁଶପଲ୍ଲୀ, ସାମନ୍ତରାପଲ୍ଲୀ ଆଦି ଗ୍ରାମ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ, ଉପାଧକ୍ଷା ସଙ୍ଗୀତା ସ୍ୱାଇଁ, ଯୁବ ବିଜେଡି ନେତା ନଚିକେତା ସ୍ୱାଇଁ, ୫ନଂ. ଜିଲା ପରିଷଦ ସଭ୍ୟ ସ୍ୱପ୍ନା ନାହାକ ଓ ତାଙ୍କ ପ୍ରତିନିଧି ଡମ୍ବରୁ ନାହାକ, ଆଠଗଡ଼ ସରପଞ୍ଚ ସୁନୀଲ କୁମାର ପୋଲାଇ ଓ ନବ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତ୍ୟେକ ଗ୍ରାମରେ ଜନସାଧାରଣ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ପ୍ରବେଶିକା ପରୀକ୍ଷାରେ ସଫଳତା

ବ୍ରହ୍ମପୁର ଅଫିସ୍,୧୪।୬

ଏମ୍ସ ଦ୍ୱାରା ପରିଚାଳିତ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି । ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରର ମଳୟ ରଞ୍ଜନ ଦାସ, ଜ୍ୟୋତିର୍ମୟ ମିଶ୍ର ଏବଂ ଆୟୁଷ କୁମାର ଦାସ କୃତକାର୍ଯ୍ୟ ହୋଇଛନ୍ତି। ଜେଆଇପିଏମ୍ଇଆର୍ ପରୀକ୍ଷାରେ ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରର ମଳୟ ରଞ୍ଜନ ଦାସ, ଆୟୁଷ କୁମାର ଦାସ, ଧୀରେନ୍ କୁମାର ପ୍ରଧାନ ଓ ସୁଶ୍ରୀ ପ୍ରିୟଶ୍ୱେତା ମହାରଣା କୃତକାର୍ଯ୍ୟ ହୋଇଛନ୍ତି । ଏହି ସଫଳତା ପାଇଁ କୋଚିଂ ଡିଭିଜନ୍‌ର ଅଭିଜ୍ଞ ଓ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କର ଶିକ୍ଷାଦାନ ପ୍ରଣାଳୀକୁ ଶ୍ରେୟ ଦିଆଯାଉଛି। ବହୁ ଅଭିଭାବକଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟାସଦସ୍ୟ, ଅନୁଷ୍ଠାନର ଅଧକ୍ଷ, ପ୍ରଧାନାଚାର୍ଯ୍ୟ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଜେଇଇ ଆଡଭାନ୍ସରେ ଆର୍ଯ୍ୟଭଟ୍ଟ ଛାତ୍ରୀଛାତ୍ରଙ୍କ ସଫଳତା

# ଆଇଆଇଟି ପାଇଁ ୯ ଛାତ୍ରୀଛାତ୍ର ମନୋନୀତ

ବ୍ରହ୍ମପୁର ଅଫିସ,୧୪।୬

ଜେଇଇ ଆଡଭାନ୍ସ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବ୍ରହ୍ମପୁରର ଅଗ୍ରଣୀ ଅନୁଷ୍ଠାନ ଆର୍ଯ୍ୟଭଟ୍ଟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ଅନୁଷ୍ଠାନର ୩୨ ଛାତ୍ରୀଛାତ୍ର ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୯ ଜଣ ଆଇଆଇଟିରେ ଯୋଗଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପରାଗ ପାଣିଗ୍ରାହୀ ୨୧୦୪ ର୍ୟାଙ୍କ ରଖିଥିବା ବେଳେ ଅମର ବିଷୋୟୀ ୫୧୦୪ ଏବଂ ଓବିସି କ୍ୟାଟାଗୋରୀରେ ୮୨୩ ର୍ୟାଙ୍କ ହାସଲ କରିଛନ୍ତି । ରୋଶନ କୁମାର ସାହୁ ୯୯୭୫ ଓ ଓବିସିରେ ୯୯୫, ଶିବାଶିଷ ସାହୁ ୧୧୧୬୧ ଓ ଓବିସିରେ ୨୩୪୫, ବିରୂପାକ୍ଷ ପାତ୍ର ୧୬୫୨୯ ଓ ଓବିସିରେ ୨୯୦୦ ର୍ୟାଙ୍କ ରଖିଛନ୍ତି । ସେହିପରି ଅପ୍ରମେୟ ଦାଶ ୭୦୦୦, ଅବିନାଶ ପାଣିଗ୍ରାହୀ ୧୫୦୦୦,ଶୁଭାଙ୍ଗୀ ତ୍ରିପାଠୀ ୨୨୮୪୬, ସ୍ୱାଗତିକା ଜେନା ୧୯୦୦୦, ରୋହନ ପାଢୀ ୨୦୦୦୦ ର୍ୟାଙ୍କ ହାସଲ କରିଛନ୍ତି । ତେବେ ଏହାପୂର୍ବରୁ ରୋହନ ପାଢୀ ଇଣ୍ଡିଆନ ଷ୍ଟାଟିକାଲ ଇନଷ୍ଟିଚ୍ୟୁଟ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୨ ର୍ୟାଙ୍କ ରଖିଥିବା ବେଳେ ପରାଗ ପାଣିଗ୍ରାହୀ ଓ ଅମର ବିଷୋୟୀ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନାରେ କୃତକାର୍ଯ୍ୟ ହୋଇଛନ୍ତି । ଶୁଭାଙ୍ଗୀ ତ୍ରିପାଠୀ ନିଟରେ ୮୧୪୭ ର୍ୟାଙ୍କ ହାସଲ କରିସାରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ସହ କୃତୀ ଛାତ୍ରୀଛାତ୍ର ।

# ଦକ୍ଷତା ତାଲିମ ନେଲେ ୨୮ ଦୃଷ୍ଟିବାଧିତ ଛାତ୍ରୀଛାତ୍ର

ବ୍ରହ୍ମପୁର ଅଫିସ,୧୪।୬

ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଲଟନ ଚାରିଟେବୁଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କୌଶଳ ଦକ୍ଷତା ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି । ବ୍ରହ୍ମପୁର ରୋଟାରୀ କ୍ଲବ ପରିସରରେ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ସାମାଜିକ ନ୍ୟାୟ ଉପରେ ଆଲୋକପାତ କରିଥିଲେ । ଫାଉଣ୍ଡେଶନର ସଭାପତି ରଞ୍ଜନ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯକ୍ରମରେ ଶକ୍ତିପଥ ଟ୍ରଷ୍ଟର ସଭାପତି ଅର୍ଜୁନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା, ଆଇନଜୀବୀ ସୁଧାଂଶୁ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ମହାରଣା, ବ୍ୟାଙ୍କ ଅଫ ବରୋଦାର ପୂର୍ବତନ ବରିଷ୍ଠ ପ୍ରବନ୍ଧକ ହରଶ୍ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଥିଲେ । ଫାଉଣ୍ଡେଶନର ମୁଖ୍ୟ ଉପଦେଷ୍ଟା ହର୍ଷଚନ୍ଦ୍ର ରଥ ସ୍ୱଗତ ଭାଷଣ ପ୍ରଦାନ କରିଥିବା ବେଳେ ସିଦ୍ଧାର୍ଥ ଶଙ୍କର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଏପ୍ରିଲ ୨୮ରୁ ଦେଡମାସ ଧରି କମ୍ପ୍ୟୁଟର, ଇଂଲିଶ ଶିକ୍ଷା, ରିଜୋନିଂ, ଜେନେରାଲ ଆୱାରନେସ, ମୋବିଲିଟି ଟ୍ରେନିଂ ନେଇଥିବା ୨୮ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ଚଳିତ ଶିକ୍ଷାବର୍ଷରେ ଆରମ୍ଭ ହେବାକୁ ଥିବା କମ୍ପ୍ୟୁଟର ଓ ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମରେ ନାମ ଲେଖାଥିବା ୧୦ ଛାତ୍ରୀଛାତ୍ରଙ୍କ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନର ବରିଷ୍ଠ ସଦସ୍ୟ କୃପାସିନ୍ଧୁ ମୁଦୁଲି, ସାମାଜିକ କର୍ମୀ ଟିଙ୍କୁ ମିଶ୍ର, ପ୍ରଦୋଷ କୁମାର ସ୍ୱାଇଁ, ମାଧବ କୁମାର ବିଷୋୟୀ, ଶିଶିର ମହାପାତ୍ର, ଶିବ ସୁବୁଦ୍ଧି, ନୀଳକଣ୍ଠ ପାତ୍ର, ପିଙ୍କି ରଥ, ଏ. ଚିନ୍ମୟ କୁମାର ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ ।



ମୁଖ୍ୟଅତିଥି ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

■ସରୁନି ଜାନିବିଲି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ

# ଅବଧିର ୬ ମାସ ପୂରିବା ପରେ ବି ମିଳିଲାନି ପାଣି

ବ୍ରହ୍ମପୁର ଅଫିସ,୧୪ା୬

■ସମୀକ୍ଷା ପରେ ସମୀକ୍ଷା, ଫଳ ଶୂନ
■ନଭେମ୍ବର ସୁଦ୍ଧା ସବୁ ଘରକୁ ପାଇପ ସଂଯୋଗ ନିଷ୍ପତ୍ତି

ଜାନିବିଲି ବୃହତ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହାର ଅଗ୍ରଗତି ନେଇ ସମୀକ୍ଷା ପରେ ସମୀକ୍ଷା ବୈଠକ ହୋଇଛି । ଯୋଜନା କେବେ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି । ନିର୍ମାଣ ଦାୟିତ୍ୱ ନାମୀଦାମୀ ଠିକା ସଂସ୍ଥାକୁ ନ୍ୟସ୍ତ କରାଯାଇଛି । ସେହି ଘରୋଇ ଉଦ୍ୟୋଗ ମନଇଚ୍ଛା କାମ କରୁଛି ଏବଂ ସରକାରୀ ପଦାଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ବହୁବାର ତାଗିଦକୁ ତିଳେମାତ୍ର ଖାତିରି କରୁ ନ ଥିବାରୁ କେବଳ ପାଣି ନୁହେଁ ରାସ୍ତାଘାଟ ସମସ୍ୟା ବଢ଼ି ଚାଲିଛି । ଅନ୍ୟପକ୍ଷରେ ଆସନ୍ତା ନଭେମ୍ବର ସୁଦ୍ଧା ବ୍ରହ୍ମପୁରର ସମସ୍ତ ଘରକୁ ପାଇପ ସଂଯୋଗ କରି ନିୟମିତ ଜାନିବିଲି ଜଳ ଯୋଗାଣ କରାଯିବ ବୋଲି ଗୁରୁବାର ଅନୁଷ୍ଠିତ ଅନ୍ୟ ଏକ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି । ତେବେ ଏହା କେତେଦୂର କାର୍ଯ୍ୟକାରୀ ହେବ ସେନେଇ ମହାନଗରବାସୀ ଅପେକ୍ଷା କରିଛନ୍ତି।

ବ୍ରହ୍ମପୁର ସହରରେ ଦୀର୍ଘ ୩ ଦଶନ୍ଧି ଧରି ଲାଗି ରହିଥିବା ପିଇବା ପାଣି ସଙ୍କଟର ସ୍ଥାୟୀ ସମାଧାନ ପାଇଁ ଜାନିବିଲି ଡ୍ୟାମରୁ ଦକ୍ଷିଣପୁର ଜଳଭଣ୍ଡାର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଭୂତଳ ମୋଟା ପାଇପ ଲାଇନ ଯୋଗେ ପାଣି ଅଣାଯିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ୨୦୧୩ ଅକ୍ଟୋବର ୩ରେ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳ ଆଶ୍ରମ ରୋଡସ୍ଥ ଜନସ୍ୱାସ୍ଥ୍ୟ ବିଭାଗର ପାଣି ଟାଙ୍କି ପରିସରରେ ଶିଳାନ୍ୟାସ କରିଥିଲେ । ବଜେଟରେ ବ୍ୟୟବରାଦ ଓ ପ୍ରଶାସନିକ ମଞ୍ଜୁରୀ ନ ଥାଇ ଏହା କରାଯାଇଥିଲା । ଏହାର ୩ ବର୍ଷ ପରେ ୨୦୧୬ ନଭେମ୍ବର ୩୦ରେ ପୁଣି ଦ୍ୱିତୀୟ ଥର ଜାନିବିଲି ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀ ମହାନଗର ଉପକଣ୍ଠ ଜଗଦଳପୁର ନିକଟରେ ଶୁଭ ଦେଲେ। ଯୋଜନା ପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିଥିବାରୁ ଜଗଦଳପୁରରେ ବୃହତ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଆଙ୍କୁଶପୁର ପଡ଼ିଆରେ ଏହି ଉପଲକ୍ଷେ ଆୟୋଜିତ ଜନସମାବେଶରେ ଦୁଇବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୮ ନଭେମ୍ବର ୩୦ରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହାର ଅବଧି ସରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସରି ନ ଥିଲା । ଭୋଟ ରାଜନୀତି ପାଇଁ ନିର୍ବାଚନ ପୂର୍ବରୁ ୨୦୧୯ ମାର୍ଚ୍ଚ ୩ରେ ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କଲେ । ସେତେବେଳେ ଏହାକୁ ବିରୋଧୀ କଂଗ୍ରେସ ଓ ଭାଜପା କଡ଼ା ସମାଲୋଚନା ମଧ୍ୟ କରିଥିଲା ।

ବିଜେଡିର ଗତ ନିର୍ବାଚନୀ ପ୍ରଚାରରେ ଜାନିବିଲି ଯୋଜନାକୁ ମୁଖ୍ୟ ପ୍ରସଙ୍ଗ କରାଗଲା । ଯେଉଁ କଂଗ୍ରେସ ନେତାମାନେ ପ୍ରକଳ୍ପ ନେଇ ତାଚ୍ଛଲ୍ୟ କରିଥିଲେ ଘଟଣାଚକ୍ରରେ ସେମାନେ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେବା ସହ ଲୋକସଭା ଓ ବିଧାନସଭା ଲଢ଼ିବା ପାଇଁ ପ୍ରାର୍ଥୀ ମଧ୍ୟ ହେଲେ । ପୂର୍ବ ସମାଲୋଚନା ପାସୋରି ବ୍ରହ୍ମପୁର ଜଳ ସଙ୍କଟ ଦୂର ପାଇଁ ବିଜେଡି ସରକାରଙ୍କ ଏହି ପ୍ରକଳ୍ପର ପ୍ରଶଂସା କରି ଭୋଟ ମାଗିଲେ ଓ ସଫଳ ମଧ୍ୟ ହେଲେ । ଅନ୍ୟପକ୍ଷରେ ପ୍ରକଳ୍ପ ନିର୍ମାଣ ଧିମା ହୋଇଥିବାରୁ ରାଜ୍ୟ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଓ ଜିଲାପାଳ ବାରମ୍ବାର ସମୀକ୍ଷା ବୈଠକ କରିଥିଲେ । ଫଳ ଶୂନ ହେବାରୁ ଗତ ଏପ୍ରିଲ ୨୦ରେ ମୁଖ୍ୟ ଶାସନ ସଚିବ ବ୍ରହ୍ମପୁରରେ ସମୀକ୍ଷା କରି ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାପାଳ ଓ ବିଏମସି କମିଶନର ଘନ ଘନ ସମୀକ୍ଷା କରି ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ୍ କରିଥିଲେ । ଶେଷରେ ଗୁରୁବାର ପୁଣି ସମୀକ୍ଷା କରାଗଲା ଏବଂ ଏମପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡା ଉପସ୍ଥିତ ଥିଲେ । ଉଭୟ ଲୋକ ପ୍ରତିନିଧି ନିର୍ମାଣରେ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ କରିଥିଲେ । ପାଇପ ଲାଇନ ବିଛାଇବା ପାଇଁ ସବୁ ଅଞ୍ଚଳରେ ରାସ୍ତା ଖୋଳି କଦର୍ଯ୍ୟ କରିଥିବାରୁ ଯଦି ଦୁର୍ଘଟଣା ଘଟିବ ତେବେ ଠିକା ସଂସ୍ଥା ବିରୋଧରେ ଫୌଜଦାରି ମାମଲା ରୁଜୁ ହେବାର ଜିଲାପାଳ ସତର୍କ କରି ଦେଇଛନ୍ତି । ଆସନ୍ତା ନଭେମ୍ବର ସୁଦ୍ଧା ସମସ୍ତଙ୍କ ଘରକୁ ଜାନିବିଲି ପାଣି ଯୋଗାଇ ଦିଆଯିବ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଏମପି ସାହୁ ସୂଚନା ଦେଇଛନ୍ତି ।

## ଆଙ୍କୋରଡ଼ାରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୪ା୬(ଡି.ଏନ.ଏ.)

ବିଜୁ କନ୍ୟାରତ୍ନ ସୁରକ୍ଷା ଯୋଜନା ଆନୁକୂଲ୍ୟରେ ଗୁରୁବାର ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗ୍ରାମରେ ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ଯଶୋବନ୍ତୀ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଡିଓ ହଳଧର ଶବର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମର ହରି ସେଠୀଙ୍କ ସ୍ତ୍ରୀ ରୀତା କନ୍ୟା ସନ୍ତାନର ମା' ହୋଇଥିବାରୁ ତାଙ୍କୁ ଏବଂ ତାଙ୍କ କନ୍ୟାଙ୍କୁ ସମ୍ମାନିତ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଡିଓଙ୍କ ସମେତ ସରପଞ୍ଚ ଉଷନ୍ତ ସାହୁ, ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହରିଶ ମାଧବ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡ଼େଇ, ବ୍ଲକ ଜନସ୍ୱାସ୍ଥ୍ୟ ଶିକ୍ଷାଧିକାରୀ ଅନୀତା ପ୍ରଧାନ, ବ୍ଲକ ସ୍ୱାସ୍ଥ୍ୟ ପ୍ରୋଗ୍ରାମ ମ୍ୟାନେଜର ରବି ନାରାୟଣ ସାହୁ, ଆଇନଜୀବୀ ହର ପ୍ରସାଦ ରଥ, ଅଙ୍ଗନୱାଡି ସୁପରଭାଇଜର ମନୀଷାରାଣୀ ପଟ୍ଟନାୟକ ପ୍ରମୁଖ ହରିଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ। ପରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ବିଜୁ କନ୍ୟାରତ୍ନ ସୁରକ୍ଷା ଯୋଜନା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ।



## ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ: ରାସ୍ତା ଅବରୋଧ



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

କବିସୂର୍ଯ୍ୟନଗର,୧୪ା୬

କବିସୂର୍ଯ୍ୟନଗର ଥାନା ତାଳିଆମାପଲ୍ଲୀରେ ଗୁରୁବାର ଭୋରରେ ଏକ ପରିବା ବୋଝେଇ ମିନି ଟ୍ରକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀ ନାହାକଙ୍କ ସ୍ତ୍ରୀ ଶଶି (୫୭)। ଏ ନେଇ ପୋଲିସ ନଂ. ୧୪୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ତପନ କୁମାର ପତି କହିଛନ୍ତି । ଶଶି କୌଣସି କାମରେ ବାହାରକୁ ଯାଇ ତାଳିଆମାପଲ୍ଲୀ ଫେରୁଥିବା ବେଳେ ଆସିକା ରାସ୍ତାରେ ପରିବା ବୋଝେଇ ମିନିଟ୍ରକ ସହ ଧକ୍କା ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶଶିଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏଥିପାଇଁ ଗ୍ରାମବାସୀ କିଛି ସମୟ ଧରି ରାସ୍ତାରେ ପଥର ପକାଇ ଅବରୋଧ କରିଥିଲେ। ତହସିଲଦାର ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଦେବା ପରେ ଅବରୋଧ ହଟିଥିଲା।

## ମୋବାଇଲ ଫୋନ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର ଅଫିସ,୧୪ା୬

ବ୍ରହ୍ମପୁର ରେଳଷ୍ଟେଶନ ନିକଟ ରେଲୱେ କଲୋନୀ ଦେଇ ଶୁକ୍ରବାର ଜଣେ ଯୁବତୀ ଘରକୁ ଫେରୁଥିବାବେଳେ ବାଇକରେ ୨ ଦୁର୍ବୃତ୍ତ ଆସି ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇଛନ୍ତି । ରାମନଗରର ସୁମତି ଜେନା ବିଶାଖା ଏକ୍ସପ୍ରେସରୁ ବ୍ରହ୍ମପୁର ରେଳଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ସେ ତାଙ୍କ ଘରକୁ ଚାଲି ଚାଲି ଯିବା ବେଳେ ମୋବାଇଲ ଫୋନରେ କଥା ହେଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପଛପଟୁ ବାଇକରେ ଆସି ମୋବାଇଲଟି ଝାମ୍ପି ନେଇଥିବା ସୁମତି ବୈଦ୍ୟନାଥପୁର ଥାନାରେ ଜଣାଇଥିଲେ। ପୋଲିସ ତାଙ୍କ ସହ ଘଟଣାସ୍ଥଳକୁ ଯାଇଥିଲା। ତେବେ ଘଟଣାସ୍ଥଳଟି ରେଳବାଇ ଥାନା ଇଲାକାର ହୋଇଥିବାରୁ ଉକ୍ତ ଥାନାରେ ଅଭିଯୋଗ କରିବାକୁ ସୁମତିଙ୍କୁ ପୋଲିସ କହିଥିଲା। ତେବେ ଥାନାରେ ଏ ନେଇ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

■ପ୍ରତିଶ୍ରୁତି ରଖିଲା ବିଏମ୍‌ସି, ପୂରଣ ହେଲା ଆଇନଜୀବୀଙ୍କ ଦାବି

# ଲକ୍ଷ୍ମୀନୃସିଂହ ସାହି ଡ୍ରେନ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

ବ୍ରହ୍ମପୁର ଅଫିସ,୧୪ା୬

ବ୍ରହ୍ମପୁର ମହାନଗର ନିଗମ(ବିଏମସି) କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ରଖିଛନ୍ତି। ବିଏମ୍‌ସି ପକ୍ଷରୁ ଶୁକ୍ରବାରଠାରୁ ୨ନଂ ୱାର୍ଡ ଲକ୍ଷ୍ମୀନୃସିଂହ ସାହି ଡ୍ରେନର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଲକ୍ଷ୍ମୀନୃସିଂହ ସାହିର ୩୦ ବର୍ଷ ପୁରୁଣା ଡ୍ରେନ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଅଞ୍ଚଳର ଆଇନଜୀବୀମାନେ ବି ଏହି ଦାବି ଉପସ୍ଥାପନ କରିବା ପରେ ବିଏମସି କର୍ତ୍ତୃପକ୍ଷ ଡ୍ରେନ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଉପସ୍ଥିତ ରହି ଏହାର ଅନୁଧ୍ୟାନ କରିଥିଲେ । ଶୁକ୍ରବାର ଏକ ହିଟାଚି ଦ୍ୱାରା ଡ୍ରେନ ଖୋଲାଯାଇଛି। ୩ ଏପରି ଖୋଲାଯିବା ପରେ ଡ୍ରେନର ପୁନରୁଦ୍ଧାର ତଥା ମରାମତି କରାଯାଇ କଭର ସ୍ଲାବ ପକାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ନିଗମ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଲକ୍ଷ୍ମୀନୃସିଂହ ସାହିବାସିନ୍ଦାଙ୍କ ବହୁ ଦାବି ସତ୍ତ୍ୱେ ଲକ୍ଷ୍ମୀନୃସିଂହ ସାହିର ପଛପାର୍ଶ୍ୱ ଡ୍ରେନ ପୁନରୁଦ୍ଧାର ଦିଗରେ ବିଏମସି ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିଲା । ମଙ୍ଗଳବାର ଅଞ୍ଚଳର ଆଇନଜୀବୀମାନେ ଏକତ୍ରିତ ହୋଇ ଡ୍ରେନେଜ ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲକ୍ଷ୍ମୀନୃସିଂହ ସାହି ଡ୍ରେନ ପୋତିହେବା ଫଳରେ ବର୍ଷାଦିନେ ଆବର୍ଜନା ଜଳ ଅଞ୍ଚଳବାସୀଙ୍କ ଘରେ ପଶୁଥିବା ସେମାନେ ଦାବିପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ବର୍ଷାଦିନ ପୂର୍ବରୁ ଡ୍ରେନ ପୁନରୁଦ୍ଧାର କାର୍ଯ୍ୟ କରାଯିବ ବୋଲି କମିଶନର ଆଇନଜୀବୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।




ଡ୍ରେନରୁ ପଙ୍କ ବାହାର କରାଯାଉଛି ।

No.: 07-PP

## ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା

ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ବାରାକ ନଂ. ୧୨ (ଏ), ୟୁନିଟ୍-୫, ଭୁବନେଶ୍ୱର

### ବାର୍ଷିକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ କ୍ୟାଲେଣ୍ଡର ୨୦୧୯-୨୦

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଅକ୍ଟୋବର ୨୦୧୯ |
| ୨ | କୋଣାର୍କ ମେଳା ପ୍ରଦର୍ଶନୀ | ଅର୍ବାନ ହାଟ, କୋଣାର୍କ | ଡିସେମ୍ବର ୨୦୧୯ |
| ୩ | ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା – ୨୦୧୯ | ଭୁବନେଶ୍ୱର | ଡିସେମ୍ବର ୨୦୧୯ |
| ୪ | ବାର୍ଷିକ ଆଦିବାସୀ ମେଳା (କେବଳ ତ.ଉପଜାତି ପ୍ରାର୍ଥୀଙ୍କ ନିମନ୍ତେ) | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୫ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଅନୁଗୁଳ | ଜାନୁଆରୀ ୨୦୨୦ |
| ୬ | ଥିମ୍ ଆଧାରିତ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୭ | ଚାନ୍ଦୁଆ ପ୍ରଦର୍ଶନୀ | ଭୁବନେଶ୍ୱର | ଫେବୃଆରୀ ୨୦୨୦ |
| ୮ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ରାଉରକେଲା | ଫେବୃଆରୀ ୨୦୨୦ |
| ୯ | ବିବିଧ ହସ୍ତଶିଳ୍ପ ପ୍ରଦର୍ଶନୀ | କଟକ | ଫେବୃଆରୀ ୨୦୨୦ |
| ଓରମାସ ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳା | | | |
| ୧ | ରଥଯାତ୍ରା | ପୁରୀ | ଜୁଲାଇ ୨୦୧୯ |
| ୨ | ବିଶ୍ୱକର୍ମା ପୂଜା | ନାଲ୍‌କୋ ଟାଉନଶିପ୍, ଅନୁଗୁଳ | ସେପ୍ଟେମ୍ବର ୨୦୧୯ |
| ୩ | ଦୁର୍ଗାପୂଜା | ରାଉରକେଲା | ଅକ୍ଟୋବର ୨୦୧୯ |
| ୪ | ଗଜଲକ୍ଷ୍ମୀ ପୂଜା | ଷ୍ଟାଡ଼ିୟମ, ଢେଙ୍କାନାଳ | ଅକ୍ଟୋବର ୨୦୧୯ |
| ୫ | ବାଲିଯାତ୍ରା | କଟକ | ନଭେମ୍ବର ୨୦୧୯ |
| ୬ | ଧନୁଯାତ୍ରା ଉତ୍ସବ | ଷ୍ଟାଡ଼ିୟମ, ବରଗଡ଼ | ଜାନୁଆରୀ ୨୦୨୦ |
| ୭ | ଶିଶିର ସାରସ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |

ଉପରୋକ୍ତ ସମସ୍ତ ପ୍ରଦର୍ଶନୀମାନଙ୍କରେ ଭାଗନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୧୫ା୦୭ା୨୦୧୯ରିଖ ସୁଦ୍ଧା ସମ୍ପୃକ୍ତ ଆଞ୍ଚଳିକ/ଜିଲ୍ଲା ଶିଳ୍ପ କେନ୍ଦ୍ରଠାରେ ଆବେଦନ କରିପାରିବେ।

ଆବେଦନ କରିବାର ନିର୍ଦ୍ଧାରିତ ଫର୍ମ ନିମ୍ନରେ ପ୍ରଦାନ କରାଗଲା। ପ୍ରତ୍ୟେକ ପ୍ରଦର୍ଶନୀ ପାଇଁ ଅଲଗା ଅଲଗା ଫର୍ମରେ ଆବେଦନ କରିବେ।

**ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗନେବା ପାଇଁ ଆବେଦନ ଫର୍ମ ୨୦୧୯-୨୦**

କେଉଁ ପ୍ରଦର୍ଶନୀରେ ଭାଗନେବାକୁ ଚାହୁଁଛନ୍ତି :
୧. କାରିଗରଙ୍କ/ସଂସ୍ଥାର ନାମ :
(କ) ଯୋଗାଯୋଗ ଠିକଣା :
(ଖ) ମୋବାଇଲ ଫୋନ୍ ନଂ. :
୨. ପିତା/ସ୍ୱାମୀଙ୍କ ନାମ :
୩. ବର୍ଗ (ସାଧାରଣ/ତ.ଜାତି/ତ.ଉପଜାତି) :
୪. କେଉଁ ହସ୍ତଶିଳ୍ପରେ ଆବେଦନ କରିବାକୁ ଚାହୁଁଛନ୍ତି :
୫. ବିକ୍ରୟ ନିମନ୍ତେ ପ୍ରସ୍ତୁତି ସାମଗ୍ରୀର ଆନୁମାନିକ ମୂଲ୍ୟ :
୬. କାରିଗର ପରିଚୟ ପତ୍ର/ସଂସ୍ଥା ପଞ୍ଜୀକରଣ ସଂଖ୍ୟା (ନକଲ ସଂଲଗ୍ନ କରିବେ) :
୭. ବିଗତ ୨ ବର୍ଷରେ ଭାଗ ନେଇଥିବା ପ୍ରଦର୍ଶନୀ ସମ୍ପର୍କିତ ତଥ୍ୟ :
କ) ପ୍ରଦର୍ଶନୀର ନାମ ଓ ବର୍ଷ :
ଖ) ବିକ୍ରି ପରିମାଣ :
୮. ଜାତୀୟ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ ତା'ର ବିବରଣୀ :
(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)

**ସଂସ୍ଥା/ପ୍ରାର୍ଥୀଙ୍କର ସ୍ୱାକ୍ଷର**

ବି.ଦ୍ର.: ଆବେଦନ କରିଥିବା ପ୍ରତ୍ୟେକ କାରିଗର/ସଂସ୍ଥାକୁ ଏହି ଆର୍ଥିକ ବର୍ଷ ମଧ୍ୟରେ କେବଳ ଏକମାତ୍ର ପ୍ରଦର୍ଶନୀରେ ଭାଗନେବା ପାଇଁ ଚୟନ କରାଯାଇପାରେ। ବିଶେଷ ପରିସ୍ଥିତିରେ ୨ୟ ବାର ଭାଗନେବାର ସୁଯୋଗ ମିଳିପାରେ। ଉକ୍ତ ନିର୍ଦ୍ଦେଶାଳୟକୁ ସିଧାସଳଖ ଆବେଦନ କରିଥିବା ଦରଖାସ୍ତଗୁଡ଼ିକ ବିଚାରଯୋଗ୍ୟ ହେବନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବିଚରାକୁ ନିଆଯିବ ନାହିଁ। ଆବଶ୍ୟକ ସ୍ଥଳେ ପ୍ରଦର୍ଶନୀର ସ୍ଥାନ ଓ ପ୍ରସ୍ତାବିତ ସମୟ ପରିବର୍ତ୍ତନ କରାଯାଇପାରେ।

**ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା**

43002/11/0004/1920

## ସଂକ୍ଷେପରେ

### ଫେରାର୍ ଅଭିଯୁକ୍ତ ଗିରଫ

ଆସିକା,୧୪।୬(ଡି.ଏନ୍.ଏ.): ଆସିକା ଥାନାର ବାଲିସିରା ଗ୍ରାମରୁ ପୋଲିସ ଗୁରୁବାର ରାତିରେ ୨ଜଣ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ସନ୍ତୋଷ ଡାକୁଆ ଓ ଯୋଗି ନାଇକ। ସନ୍ତୋଷଙ୍କ ନାମରେ ୨୦୦୪ରେ ମାମଲା ରହିଥିଲା ବେଳେ ଯୋଗୀଙ୍କ ନାମରେ ୨୦୧୮ରୁ ମାମଲା ରହିଛି। ଅଭିଯୁକ୍ତମାନେ ଅଦାଲତରେ ହାଜର ହେଉ ନ ଥିବାରୁ ଗିରଫ ପରୱାନା ଜାରି ହେବା ପରେ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

### ଅଟୋ ଧକ୍କାରେ ବାଇକ୍ ଚାଳକ ମୃତ

ହିଞ୍ଜିଳିକାଟୁ,୧୪।୬(ଡ଼ି.ଏନ୍.ଏ.): ହିଞ୍ଜିଳି ଥାନା ସମରଝୋଳଠାରେ ଗୁରୁବାର ରାତିରେ ଡ଼ାଲା ଅଟୋ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୋଲସରା ଥାନା ଭାଟଖାଲି ଗ୍ରାମର ଅନିଲ ସେଠୀ। ଗୁରୁତର ଆହତ ବାଦଗଡ଼ ଗ୍ରାମର ବିଚିତ୍ର ସେଠୀ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ରାତି ପ୍ରାୟ ୧୦ଟାରେ ଅନୀଲ ଓ ବିଚିତ୍ର ବାଇକରେ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ଦିଗରେ ଆସୁଥିଲେ। ସମରଝୋଳ ଠାରେ ବାଇକକୁ ପଛପଟୁ ଡ଼ାଲା ଅଟୋ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀଦ୍ୱୟ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ପଠାଇଥିଲେ। ସେଠାରେ ଅନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଡାଲା ଅଟୋ ଚାଳକ ଫେରାର ହୋଇଯାଇଛନ୍ତି।

### ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

କନିଷି,୧୪।୬(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ଫୁଲଟା ଗ୍ରାମରେ ସଙ୍କଟ ମୋଚନ ଶ୍ରୀହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି। ଏଥିପାଇଁ ଗତ ୫ ଦିନ ବ୍ୟାପୀ ପୂଜାପାଠ, ହୋମଯଜ୍ଞ ହୋଇଥିଲା। ୯ ତାରିଖରେ ଜଳଯାତ୍ରା, ୧୦ରେ ଅଙ୍କୁରାରୋପଣ, ମଣ୍ଡଳ ବରଣ ଓ ନାମଯଜ୍ଞ ଅଧିବାସ, ୧୧ରେ ଯଜ୍ଞାରମ୍ଭ, ଶାଳା ପୂଜା, ସୂର୍ଯ୍ୟପୂଜା, ବୈଷ୍ଣବାଗ୍ନି ସଂସ୍କାର, ୧୨ରେ ସୂର୍ଯ୍ୟ ପୂଜା, ରାତ୍ର ଜୀବନ୍ୟାସ, ଶ୍ରୀରାମ କଥା ପ୍ରବଚନ, ୧୩ରେ ପୂଜା ସମାପନ, ଗ୍ରାମ ପରିକ୍ରମା, ଶ୍ରୀ ବିଗ୍ରହଙ୍କ ସିଂହାସନ ଆରୋହଣ ଓ ପୂର୍ଣ୍ଣାହୁତି, ୧୪ରେ ନାମ ସମାପନ ନଗର ଭ୍ରମଣ କରାଯାଇଥିଲା। ଭାସ୍କର ଦାଶ ଶର୍ମା, ସୂର୍ଯ୍ୟମଣି ଦାଶ ଶର୍ମା, ମହନ୍ତ ଅନନ୍ତ କୃଷ୍ଣଦାଶ ପୂଜାର୍ଚ୍ଚନା କରିଥିଲେ। ଉଦଯାପନୀରେ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା, ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଗଙ୍ଗାଧର ଶତପଥୀ, ସନତ୍ କୁମାର ନାୟକ, ଶୁଭାଶିଷ ସାହୁଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

### ମାନସିକ ସ୍ୱାସ୍ଥ୍ୟ ଶିବିର

କୁକୁଡ଼ାଖଣ୍ଡି,୧୪।୬(ଡି.ଏନ.ଏ.): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବଡ଼ ମେଡିକାଲର ଆସୋସିଏଟ୍ ଡା. ବିଭୁ କଲ୍ୟାଣ ସାହୁ, କୁକୁଡ଼ାଖଣ୍ଡି ମେଡିକାଲ ଅଫିସର ଡା. ମନମୋହନ ବିଷୋୟୀ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ କେ. ମଣିବାବୁଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ଯୋଗ ଦେଇଥିଲେ। ସମସ୍ତଙ୍କୁ ବିସ୍କୁଟ, ଗ୍ଲୁକୋଜ ସହ ମାଗଣା ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ମହିଳା ସ୍ୱାସ୍ଥ୍ୟକର୍ମୀ କେ. କ୍ରିଷ୍ଣା କୁମାରୀ, ସ୍ନେହା ପଟ୍ଟନାୟକ ଓ ଆଶାକର୍ମୀମାନେ ପରିଚାଳନା କରିଥିଲେ ।

## ଗଞ୍ଜାମ ଜିଲାରେ ରାଜପଥ ପାଲଟିଛି ମରଣଯନ୍ତା

# ଅଢେଇ ବର୍ଷରେ ଗଲାଣି ୯୬୨ଜଣଙ୍କ ଜୀବନ

ସନ୍ତୋଷ କୁମାର ପାଢ଼ୀ
ଛତ୍ରପୁର,୧୪।୬(ଡି.ଏନ.ଏ)

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥ, ରାଜ୍ୟ ଏନଏଚ୍, ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ କେତେକ ମୁଖ୍ୟ ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟିବାରେ ଲାଗିଛି। ଫଳରେ ଅକାଳରେ କେତେଜଣଙ୍କ ଜୀବନ ଚାଲିଯାଉଛି। ଆଉ କେତେଜଣ ଗୁରୁତର ଆହତ ମଧ୍ୟ ହେଉଛନ୍ତି। ଦୁର୍ଘଟଣାକୁ ନେଇ ବିଭିନ୍ନ ସମୟରେ ରାସ୍ତା ଅବରୋଧ ସହ ଆନ୍ଦୋଳନ କରାଯାଇ କେଉଁଠି ହମ୍ପସ ତ କେଉଁଠି ରାସ୍ତାର ଡିଜାଇନ୍ ଠିକ୍ ନ ଥିବା ଦର୍ଶାଇ ତାହାର ପୁନଃନିର୍ମାଣ ପାଇଁ ଦାବି ହେଉଛି। ଆନ୍ଦୋଳନକୁ ଦବାଇବାକୁ ଯାଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଉଛି। ମାତ୍ର ସେ ସବୁ କାର୍ଯ୍ୟକାରୀ ହେଉଥିବା ସମ୍ପର୍କରେ ସ୍ପଷ୍ଟ ଜଣାପଡୁନି। ସେପଟେ ସରକାରୀ ରିପୋର୍ଟ ଅନୁଯାୟୀ ଗତ ୨ ବର୍ଷ ୫ ମାସ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ହୋଇଥିବା ଦୁର୍ଘଟଣାରେ ୯୬୨ ଜଣଙ୍କର ମୃତ୍ୟୁ ଘଟିଲାଣି। ୧୨୦୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ମଧ୍ୟ ହେଲେଣି। ଯାହାକି ଚିନ୍ତାଜନକ ବିଷୟ ହେଇଛି।

ସଡ଼କ ଦୁର୍ଘଟଣା ବଢୁଥିବାରୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରି ଏହାକୁ କମାଇବା ପାଇଁ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରାଜ୍ୟ ସଡକ ସୁରକ୍ଷା କମିଟି ଗଠନ ହୋଇଥିଲା। ଏହାପରେ ପ୍ରତି ଜିଲାରେ ଜିଲା ସଡ଼କ ସୁରକ୍ଷା କମିଟି ଗଠନ ମଧ୍ୟ ହୋଇଛି। ଏହି କ୍ରମରେ ଗଞ୍ଜାମ ଜିଲାରେ ମଧ୍ୟ ଜିଲା ସଡ଼କ ସୁରକ୍ଷା କମିଟି କାର୍ଯ୍ୟ କରୁଛି। ଜିଲାପାଳ ଉକ୍ତ କମିଟିର ଅଧକ୍ଷ ରହିଥିବା ବେଳେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ ବିଭିନ୍ନ କ୍ଷେତ୍ରର ଲୋକଙ୍କୁ ସଭ୍ୟ ଭାବେ ନିଆଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଏହି କମିଟିର ଆବାହକ। ଜିଲାର ଛତ୍ରପୁରଠାରେ ଉକ୍ତ କମିଟିର ଗୋଟିଏ ପରେ ଗୋଟିଏ ବୈଠକ ବସୁଛି। ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନ ଓ ରାସ୍ତା ମରାମତି ଓ ଡିଜାଇନ୍ ବଦଳାଇବା ପାଇଁ କୁହାଯାଉଛି। ମାତ୍ର ସେସବୁ କାର୍ଯ୍ୟକାରୀ ହେଉ ନ ଥିବାରୁ ଦୁର୍ଘଟଣା କମୁନି। ଏନ୍‌ଏଚ୍‌ଏଆଇ ମଧ୍ୟ ଜିଲାପାଳଙ୍କ ତାଗିଦ୍ ଶୁଣୁ ନ ଥିବା ଦେଖିବାକୁ ମିଳିଛି।



ଛତ୍ରପୁର କଲେଜ ନିକଟ ଜାତୀୟ ରାଜପଥରେ ଗୋରୁ ବୁଲୁଛନ୍ତି।

ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳଙ୍କ ପକ୍ଷରୁ ଜିଲା ସଡକ ସୁରକ୍ଷା କମିଟିକୁ ଦେଇଥିବା ରିପୋର୍ଟ ଅନୁସାରେ ଚଳିତବର୍ଷ ମେ ମାସ ସୁଦ୍ଧା ଗଞ୍ଜାମ ଜିଲାରେ ୩୪୨ ଛୋଟ ବଡ ଦୁର୍ଘଟଣା ଘଟିଛି। ଯେଉଁଥିରେ ୧୯୩ ଜଣଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରେ ଏନଏଚ୍-୧୬ରେ ହୋଇଥିବା ଦୁର୍ଘଟଣାରେ ୪୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟ ଏନଏଚ୍‌ରେ ୨୮, ରାଜ୍ୟ ରାଜପଥରେ ୧୦୨ ଏବଂ ଅନ୍ୟ ରାସ୍ତାରେ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୩୪ ଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଜିଲାରେ ୨୦୧୯ ଜାନୁୟାରୀରେ ଦୁର୍ଘଟଣାରେ ୮୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଫେବୃୟାରୀରେ ୩୩, ମାର୍ଚ୍ଚରେ ୪୨, ଏପ୍ରିଲରେ ୩୩ ଓ ମେ ମାସରେ ୩୬ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ୨୦୧୮ରେ ଜିଲାରେ ୭୩୮ଟି ଦୁର୍ଘଟଣାରେ ୩୮୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୮୯ଜଣ ଗୁରୁତର ହୋଇଥିଲେ। ସେହିବର୍ଷ ଜାନୁୟାରୀରୁ ମେ ସୁଦ୍ଧା ୩୫୭ଟି ଦୁର୍ଘଟଣାରେ ୧୯୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୨୭ ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ୨୦୧୭ରେ ଜିଲାର ବିଭିନ୍ନ ସ୍ଥାନରେ ୭୧୬ ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୩୮୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୫୫ ଜଣ ଗୁରୁତର ଆହତ ହୋଇଥିଲେ।

### ୫ ରାସ୍ତା ବିପଜ୍ଜନକ

ଗଞ୍ଜାମ ଜିଲାର ୫ଟି ରାସ୍ତା ଅଧିକ ବିପଜ୍ଜନକ ଥିବା ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଛି। ସେଥିମଧ୍ୟରେ ୧୬ ନମ୍ବର ଜାତୀୟ ରାଜପଥର ଉଜ୍ଜ୍ୱଳେଶ୍ୱରୀ ମନ୍ଦିର ନିକଟ, ପାରଳା ମହାରାଜା ଇଞ୍ଜିନିୟରିଂ ସ୍କୁଲଠାରୁ ନରେନ୍ଦ୍ରପୁର ରାସ୍ତା, ଗୋଳନ୍ଥରା ଚଣ୍ଡି-ରଣ୍ଡା ଛକ-ହଳଦିଆପଦର ଛକ-ହଳଦିଆପଦର ବସଷ୍ଟାଣ୍ଡ ରାସ୍ତା, ଜିଲୁଣ୍ଡି ଛକ ଠାରୁ ଭଞ୍ଜନଗର ରାସ୍ତା ଓ କରଡାବାଡି ଗାଁ ଠାରୁ ସୋରଡା ଟୋଲଗେଟ୍ ରାସ୍ତା ଅଧିକ ଦୁର୍ଘଟଣାପ୍ରବଣ।

### ଦୁର୍ଘଟଣାର କାରଣ

ଭିଡ ଓ ବେପରୁଆ ଗାଡିଚାଳନା, ରାସ୍ତାରେ ଟ୍ରାଫିକ୍ ସିଗନାଲର ଅଭାବ, ନାବାଳକ ଗାଡି ଚଳାଇବା, ସଚେତନତା ଅଭାବ, ଟ୍ରାଫିକ୍ ନିୟନ୍ତ୍ରଣ କରା ନ ଯିବା ଓ ମଦ୍ୟପାନ କରି ଗାଡି ଚଳାଇବା ଯୋଗୁ ଦୁର୍ଘଟଣା ଘଟୁଛି। ସେହିପରି ରାସ୍ତାରେ ଯାନବାହନ ଅଟକି ରହିବା ଏବଂ ଜାତୀୟ ରାଜପଥରେ ଗୋରୁଙ୍କ ଅବାଧ ବିଚରଣ ଦୁର୍ଘଟଣାର କାରଣ ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୦ ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା

ଗତ ୫ ମାସ ମଧ୍ୟରେ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ୧୦ଟି ଥାନା ଅଞ୍ଚଳରେ ଅଧିକ ତଥା ବଡ ଦୁର୍ଘଟଣା ଘଟିଛି। ସେଥିମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ହିଞ୍ଜିଳି ଥାନା ଅଞ୍ଚଳରେ ୧୯ଟି ଦୁର୍ଘଟଣା ଘଟିଥିବା ବେଳେ ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ୧୦, ଖଲ୍ଲିକୋଟ ଥାନା ଅଞ୍ଚଳରେ ୧୩, ଭଞ୍ଜନଗର ଥାନା ଅଞ୍ଚଳରେ ୧୮ ଓ ରମ୍ଭା ଥାନା ଅଞ୍ଚଳରେ ୮ଟି ବଡ଼ ଦୁର୍ଘଟଣା ଘଟିଛି। ସେହିପରି ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳରେ ୩୦, ବ୍ରହ୍ମପୁର ଟ୍ରାଫିକ୍ ଥାନା ଅଞ୍ଚଳରେ ୧୫, ଦିଗପହଣ୍ଡି ଥାନା ଅଞ୍ଚଳରେ ୧୩ , ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ୧୪ ଓ ଜରଡା ଥାନା ଅଞ୍ଚଳରେ ୧୧ଟି ବଡ ଦୁର୍ଘଟଣା ଘଟିଛି।

## ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ

# ୩ ଗୁରୁଙ୍କୁ ସମ୍ମାନିତ କଲା ସଂସ୍କୃତି ବିଭାଗ

ଛତ୍ରପୁର,୧୪।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଛତ୍ରପୁରରେ ଜିଲାର କଳାକାର ମାନଙ୍କ ପକ୍ଷରୁ ଏକ ସାଂସ୍କୃତିକ ଶୋଭାଯାତ୍ରା କରାଯାଇଥିଲା। ପରେ ଜିଲାର ପାରମ୍ପରିକ ଲୋକଗୀତ, ଲୋକସଙ୍ଗୀତ ଓ ଲୋକକଳାକୁ ନେଇ ଅନୁଷ୍ଠିତ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଲୋକ କଳା ଓ ନୃତ୍ୟ ପାଇଁ ଗଞ୍ଜାମ ଜିଲା ବିଶ୍ୱରେ ନାଁ କରିଛି ବୋଲି କହିଥିଲେ। କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମାସିକ ଭତ୍ତା ବ୍ୟବସ୍ଥା ନବୀନ ସରକାର କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ କଳାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଆରଡିଏ ଏପିଡି ଦେବବ୍ରତ ସାହୁ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ସରପଞ୍ଚ ପୀତାମ୍ବର ପଣ୍ଡା ପ୍ରମୁଖ ଯୋଗଦେଇ କଳା ଓ କଳାକାର ସମ୍ପର୍କରେ କହିଥିଲେ। ଆସିକା ଏମ୍‌ପି ରଜ ଗୀତ ଗାଇଥିଲେ। ଏହି ଅବସରରେ ୩ ଜଣ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ମହାନାଦପୁରର ଲକ୍ଷ୍ମୀ ନୃସିଂହ ସଂକୀର୍ତ୍ତନ ଦଳ ଗୁରୁ ଯୁଧିଷ୍ଠିର ପ୍ରଧାନ, ବ୍ରାହ୍ମଣିଆପଲ୍ଲୀ ଲକ୍ଷ୍ମୀ ନୃସିଂହ କାମିନୀ ନୃତ୍ୟ ସଂସଦର ଗୁରୁ ଏନ୍ ସୀମାଦ୍ରୀ ଓ ଯୋଡି ଶଙ୍ଖ ଗୁରୁ ପ୍ରଶାନ୍ତ କୁମାର ରାଉଳ ରହିଛନ୍ତି। ବର୍ତ୍ତମାନ ଜିଲାରେ ୧୮୮୫ କଳାକାର ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୮ ଜଣ ମହିଳା କଳାକାର ଅଛନ୍ତି। ଏମାନଙ୍କୁ ମାସିକ ୧୨ଶହ ଟଙ୍କା ଭତ୍ତା ମିଳିବ। ଅନ୍ୟମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗ୍ରନ୍ଥାଗାରିକ ଅମୀୟ ଧଳ, ପ୍ରଧାନଶିକ୍ଷକ ଅଜିତ ସେଠୀ ପରିଚାଳନାରେ ସହଯୋଗ କରିଥିଲେ।



ଆସିକା ଏମପି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ପାଣି ପାଉଚ୍ ଫ୍ୟାକ୍ଟ୍ରି ସିଲ୍ କଲେ ତହସିଲଦାର

### ୧୫୦ ବସ୍ତା ପାଣି ଜବତ

ଗଞ୍ଜାମ,୧୪।୬(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଶୁବଳୟା ଠାରେ ବିନା ଲାଇସେନ୍ସରେ ଚାଲିଥିବା ପାଣି ବୋତଲ, ଜାର ଏବଂ ପାଣି ପାଉଚ ଫ୍ୟାକ୍ଟ୍ରିକୁ ଶୁକ୍ରବାର ତହସିଲଦାର ଅବନି କୁମାର ସାହୁ ସିଲ୍ କରିଥିବା ଜଣାପଡ଼ିଛି। ଓଡିଆରପି ଅନୁଧ୍ୟାନରେ ଯାଇଥିବା ବେଳେ ତହସିଲଦାର ସାହୁ ଅଚାନକ ଉକ୍ତ ପାଣି ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରିଥିଲେ। ସମସ୍ତ କାଗଜପତ୍ର ଯାଞ୍ଚ ବେଳେ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ନ ନେଇ ବେଆଇନ ଭାବେ ଫ୍ୟାକ୍ଟ୍ରି ଚଳାଇଥିବା ତହସିଲଦାର ଜାଣିବାକୁ ପାଇଥିଲେ। କମ୍ପାନିରେ ଥିବା ୧୫୦ ପାଣି ପାଉଚ ବସ୍ତା ଓ ଜାର, ବୋତଲ ଜବତ କରାଯାଇଛି। ଏହି ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାର ସନାତନ ମହାଲିକ୍, ରେଭିନ୍ୟୁ ସୁପରଭାଇଜର ସୁବାଷ ଚନ୍ଦ୍ର ନାୟକ, ରାଜସ୍ୱ ନିରୀକ୍ଷକ ନିଳାଞ୍ଚଳ ବେହେରା, ହୁମ୍ମା ଫାଣ୍ଡି ଅଧିକାରୀ ନରହରି ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ମଦମୁକ୍ତି ଅଭିଯାନରେ କାଳିଞ୍ଜି ସମାଜ ସାମିଲ



ସଚେତନତା ବାଇକ ରାଲି।

ବେଗୁନିଆପଡ଼ା,୧୪।୬(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଷଣ୍ଢମୂଳ ପଞ୍ଚାୟତ ଶାଳବଣ ଗ୍ରାମରୁ ଓଡ୍ର ଖଣ୍ଡାୟତ କାଳିଞ୍ଜି ଓଡ଼ିଆ ସମାଜ ପକ୍ଷରୁ ମଦମୁକ୍ତି ଆନ୍ଦୋଳନ ଆରମ୍ଭ ହୋଇଛି। ବ୍ଲକ ଅନ୍ତର୍ଗତ ନୂଆଗଡ଼ କାଳିଞ୍ଜି ସମାଜ ପକ୍ଷରୁ ସଭାପତି ମୁକୁନ୍ଦ ମାଧବ ସ୍ୱାଇଁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଭୂୟାଁ, ଉପସଭାପତି ରମେଶ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ଦେବରାଜ ଭୂୟାଁ, ଭ୍ରମରବର ଭୂୟାଁ, ବୁଲା ଜେନା, ରଙ୍କନାଥ ସ୍ୱାଇଁ, ପଦ୍ମ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଶାଳବଣସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଏଥିପାଇଁ ମହାସମାବେଶ ହୋଇଥିଲା। ପୂର୍ବରୁ ଶାଳବଣକୁ ମଦମୁକ୍ତ ଗ୍ରାମ କରାଯାଇଥିବା ବେଳେ ଏବେ କାଳିଞ୍ଜି ପରିବାର ରହୁଥିବା ସମସ୍ତ ଗ୍ରାମରେ ମଦମୁକ୍ତି ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇ ଏହି ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ଶାଳବଣ ଠାରୁ ଏକ ବାଇକ୍ ରାଲି ବାହାରି ୪ ପଞ୍ଚାୟତ ଯଥା ଷଣ୍ଢମୂଳ, ତାଳସର, ଅଙ୍ଗାରଗାଁ, କୁମ୍ଭାରଗାଁର ସମସ୍ତ ଗ୍ରାମକୁ ଯାଇଥିଲା। ମଦ କିଭଳି ସମାଜ ଓ ପରିବାର ଉପରେ କୁପ୍ରଭାବ ପକାଉଛି ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ରତ୍ୟେକ ଗ୍ରାମରେ ବୈଠକ କରି ମଦ ବର୍ଜନ କରିବାକୁ ଅନୁରୋଧ କରାଯାଇଥିଲା। ସମାବେଶରେ ୧୦୦୦ରୁ ଅଧିକ ଲୋକ ସାମିଲ ଥିଲେ।

## କୋର୍ଟରୁ ମାମଲା ଉଠାଇବାକୁ ଧମକ: ଜଣେ ଗିରଫ

ହିଞ୍ଜିଳିକାଟୁ,୧୪।୬(ଡ଼ି.ଏନ୍.ଏ.)

କୋର୍ଟରୁ ଏକ ମାମଲା ଉଠାଇବା ପାଇଁ ଧମକ ଦେବା ଅଭିଯୋଗରେ ଶୁକ୍ରବାର ହିଞ୍ଜିଳି ପୋଲିସ ଶିକିରି ଗ୍ରାମର ଜଣଙ୍କୁ ଗିରଫ କରିଛି। ସେ ହେଲେ ପ୍ରୀତିସୁନ୍ଦର ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ନଂ. ୧୩୮/୧୯ ରେ ଏକ ମାମଲା ରୁଜୁ ହୋଇଛି। ହିଞ୍ଜିଳି ଥାନା ରାଳବ ଗ୍ରାମର ବନିତା କୁମାରୀ ବରଡଙ୍କୁ ପ୍ରୀତିସୁନ୍ଦର ଫୁଲବାଣୀର ଏକ ନୋଟାରୀଙ୍କ ସମ୍ମୁଖରେ ୨୦୧୬ରେ ବିବାହ କରିଥିଲେ। ହେଲେ ପ୍ରୀତିସୁନ୍ଦର ନିଜ ଘରକୁ ବନିତାଙ୍କୁ ନେଉ ନ ଥିଲେ। ଏପରିକି ବାପଘରୁ ଯୌତୁକ ଟଙ୍କା ଆଣିବାକୁ ବନିତାଙ୍କୁ ବାଧ୍ୟ କରିଥିଲେ। ଏଥିନେଇ ବନିତାଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ ପୂର୍ବରୁ ୧୧୯/୧୮ରେ ମାମଲା ରୁଜୁ ହୋଇଥିଲା। ପ୍ରୀତି ସୁନ୍ଦରଙ୍କୁ ପୋଲିସ ଗିରଫ କରିଥିଲା। ଉକ୍ତ ମାମଲାର ବିଚାର କୋର୍ଟରେ ଚାଲିଥିବା ବେଳେ ତାହାକୁ ଉଠାଇବାକୁ ପ୍ରୀତି ସୁନ୍ଦର ଫୋନ ଓ ମେସେଜରେ ବହୁବାର ବନିତାଙ୍କୁ ଧମକ ଦେଉଥିଲେ। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ଦେଉଥିଲେ। ଗୁରୁବାର ବନିତା ଏ ନେଇ ପୋଲିସରେ ଅଭିଯୋଗ କରିଥିଲେ।

## ଜୁଆ ଆଡ୍ଡାରେ ଚଢାଉ, ୩ ଗିରଫ

ହିଞ୍ଜିଳିକାଟୁ,୧୪।୬(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଶାସନଆମ୍ବଗାଁରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରି ୩ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୦ହଜାର ୭୮୫ଟଙ୍କା, ୫ ବାଇକ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଶାସନଆମ୍ବଗାଁ ନିକଟସ୍ଥ ଏକ ମନ୍ଦିର ବେଢାରେ ଜୁଆଖେଳ ଚାଲୁଥିବା ଖବର ପାଇ ଆଇଆଇସି ଅଭିମନ୍ୟୁ ଦାସ ସଦଳବଳ ଚଢାଉ କରିଥିଲେ। ଏନେଇ ନଂ.୧୪୯/୧୯ରେ ଏକ ମାମଲା ରୁଜୁ ହୋଇଛି।

## ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

ଆସିକା,୧୪।୬(ଡି.ଏନ୍.ଏ.)

ଗାଙ୍ଗପୁର ଥାନାର ଖବରପୁଟୀ – କେ.ନୂଆଗଡ ରାସ୍ତାର ସୁନାଖଲା ତୋଟା ନିକଟରୁ ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ଜଣେ ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର କରିଛି। ତାଙ୍କ ବୟସ ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ମୃତଦେହର ମୁହଁ, ହାତ ଆଦିରେ କ୍ଷତଚିହ୍ନ ଥିବାରୁ ହିଂସ୍ରଜନ୍ତୁ ଖାଇଦେଇଥିବା ସହ ଏହା ୨ରୁ ୩ଦିନ ତଳର ବୋଲି ପୋଲିସ ଅନୁମାନ କରୁଛି। ତେବେ ମହିଳାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ବ୍ରହ୍ମପୁର ବଡ ମେଡିକାଲରେ ବ୍ୟବଚ୍ଛେଦ କରିଛି। ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ନଂ.୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଏସ୍‌ଆଇ ସତ୍ୟଜିତ୍ ବେଣିଆ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ମଡେଲ ଅଙ୍ଗନୱାଡି କେନ୍ଦ୍ରକୁ ବିଭିନ୍ନ ସାମଗ୍ରୀ ପ୍ରଦାନ

ଗୋପାଳପୁର,୧୪।୬

ରଙ୍ଗେଇଲୁଣ୍ଡା ବ୍ଲକର ୧୦ ମଡେଲ ଅଙ୍ଗନୱାଡି କେନ୍ଦ୍ରକୁ ବ୍ଲକ ପ୍ରଶାସନ ପକ୍ଷରୁ ଟେବୁଲ, ଚେୟାର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ବୁଧବାର ଅପରାହ୍ନରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ କୁମାର ନାଗଭୂଷଣ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ଉକ୍ତ ମୋଡେଲ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳର ସୁବିଧା, ରୋଷେଇ ଘର ଓ କାନ୍ଥରେ ଚିତ୍ରାଙ୍କନ ପ୍ରଭୃତି ସୁବିଧା ଉପଲବ୍ଧ ରହିଛି। ଶିଶୁମାନଙ୍କ ସର୍ବାଙ୍ଗୀନ ଉନ୍ନତିରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ଗୀତାରାଣୀ ରାଉଳ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଅଙ୍ଗନୱାଡି କର୍ମୀଙ୍କୁ ବିଡିଓ ବିଭିନ୍ନ ସାମଗ୍ରୀ ପ୍ରଦାନ କରୁଛନ୍ତି।

## ତାତି କମିନି, ୧୯ରେ ଖୋଲିବ ବିଦ୍ୟାଳୟ

ଭଞ୍ଜନଗର,୧୪।୬(ଡି.ଏନ.ଏ.)

ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ତାପମାତ୍ରା ୪୨ ଡ଼ିଗ୍ରୀ ଥିଲା। ଦିନବେଳା ଷଲାକେ ଘରୁ ବାହାରି ପାରୁନାହାନ୍ତି। ତଥାପି କିଛି ବେସରକାରୀ ଉତ୍ସବ ଦିନବେଳେ ଖୋଲା ସ୍ଥାନରେ ହେଉଛି। ଦିବା ୧୧ଟା ପରେ ବି ଶ୍ରମିକମାନେ ଖୋଲାରେ କାମ କରୁଛନ୍ତି। ଏହାକୁ ନିୟନ୍ତ୍ରଣ କରିବାକୁ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବିପଦ ପଡ଼ିଲେ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଛନ୍ତି। କିନ୍ତୁ ଆଗୁଆ ଏହିଭଳି ଅଘଟଣକୁ କିଭଳି ମୁକାବିଲା କରାଯିବ ସେନେଇ ପଦକ୍ଷେପ ନିଆଯାଉନାହିଁ। ତାତି ଯୋଗୁ ଲୋକେ ଛଟପଟ ହେଉଥିବା ବେଳେ ବିଦ୍ୟୁତ୍ କଟ୍ ସମସ୍ୟାକୁ ଦୁଇଗୁଣ କରିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଆହୁରି ଅଧିକ। ଆଉ କିଛିଦିନ ପରେ ମୌସମୀ ବର୍ଷା ଆସିବ। ତଥାପି ଜଳଛତ୍ର ଅନେକ ସ୍ଥାନରେ ଏବେବି ଖୋଲିନାହିଁ। ଆଉ କେତକ ସ୍ଥାନରେ ଜଳଛତ୍ର ଖୋଲିଥିଲେ ମଧ୍ୟ ପାଣି ବ୍ୟବସ୍ଥା ନାହିଁ। କେବଳ ପୋଷ୍ଟର ହିଁ ମରାହୋଇଛି। ମୌସୁମୀ ବର୍ଷା ଆସିବା ପରେ ଜଳଛତ୍ରର ଆବଶ୍ୟକତା ପଡ଼ିବ ନାହିଁ। କିନ୍ତୁ କାଗଜ କଲମରେ ଜଳ ଛତ୍ର ଖୋଲା ଯାଇ ବିଲ୍ ପାସ୍ ହୋଇଯିବ। ତାତି କମିନଥିବା ବେଳେ ଚଳିତ ମାସ ଗ୍ରୀଷ୍ମ ଛୁଟି ସରିବା ପରେ ୧୯ ତାରିଖରେ ବିଦ୍ୟାଳୟ ଖୋଲିବ। ଏହାପୂର୍ବରୁ ଫନୀ ଦ୍ୱାରା ବିଦ୍ୟାଳୟ ପରିବେଶ କ୍ଷତିଗ୍ରସ୍ତ ହୋଇଥିବା ସମ୍ଭାବନା ଥିବାରୁ ଆଗୁଆ ବିଦ୍ୟାଳୟ ଗୁଡ଼ିକରେ ସଫେଇ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ୧୭ ଓ ୧୮ ତାରିଖ ୨ଦିନ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯାଇ ବିଦ୍ୟାଳୟ ସଫେଇ ପ୍ରତି ଧ୍ୟାନ ଦେବେ। ଏହାପରେ ୧୯ ତାରିଖରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବେ। ଜିଲା ପ୍ରଶାସନ ପକ୍ଷରୁ ସଫେଇ ପାଇଁ ଧାର୍ଯ୍ୟ କରାଯାଇଥିବା ତାରିଖ ପୂର୍ବରୁ ଭଞ୍ଜନଗର ବ୍ଲକର କେତକ ବିଦ୍ୟାଳୟରେ ସଫେଇ କାର୍ଯ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆରମ୍ଭ କରିଦେଇଛନ୍ତି। ଫନୀ ପ୍ରଭାବି ଭଞ୍ଜନଗର ଅଞ୍ଚଳରେ ନପଡ଼ିଥିଲେ ମଧ୍ୟ ବିଦ୍ୟାଳୟ ଗୁଡ଼ିକ ପ୍ରାୟ ଦେଢ଼ ମାସ ହେବ ବନ୍ଦ ଥିବା ଯୋଗୁ ଅପରିଷ୍କାର ହୋଇଛି। ତେଣୁ ସଫେଇ ନିହାତି ଆବଶ୍ୟକ। ଅପରପକ୍ଷେ ତାତି ନକମିଲେ ପୁଣି ବିଦ୍ୟାଳୟ ଗ୍ରୀଷ୍ମ ଛୁଟି ବଢ଼ାଇବା ପାଇଁ ଦାବି ହୋଇଛି। କିନ୍ତୁ ଆସନ୍ତା ସପ୍ତାହରେ ତାପମାତ୍ରା କମିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## ସଂକ୍ଷେପରେ

### ବୁଢ଼ାମାହା ଡବଲ ମର୍ଡ଼ର ଘଟଣା
## ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

ରାଇକିଆ,୧୪।୬(ଡି.ଏନ.ଏ)-କନ୍ଧମାଳ ଜିଲା ରାଇକିଆ ଥାନା ବୁଢ଼ାମାହା ଗ୍ରାମରେ ୨୦୧୪ ମାର୍ଚ୍ଚ ୧୧ ତାରିଖ ରାତିରେ ନନ୍ଦିରା ପ୍ରଧାନ ଓ ଯାଦବ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ଏହି ଡବଲ ମର୍ଡ଼ର ଘଟଣାର ମୁଖ୍ୟ ଅଭିଯୁକ୍ତ ଅବଦୁଲ କେଶରୀ ପ୍ରଧାନ ଓରଫ ପିଣ୍ଟୁଙ୍କୁ ଶୁକ୍ରବାର ରାଇକିଆ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେଶ ସାହୁ ପ୍ରକାଶ କରଛନ୍ତି। ସୂଚନାଯୋଗ୍ୟ,୨୦୧୪ ମାର୍ଚ୍ଚ ୧୨ ତାରିଖରେ ମଣ୍ଡାକିଆ ପଞ୍ଚାୟତର ବୁଢ଼ାମାହା ଛକ ନିକଟ ବିଶ୍ରାମଗାର ପାଖରେ ନନ୍ଦିରା ଓ ଯାଦବଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ପୋଲିସ ପ୍ରଥମେ ଉଭୟେ ନିଶାସକ୍ତ ହୋଇ ପରସ୍ପରକୁ ପଥରରେ ଆକ୍ରମଣ କରିବା ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଥିବା ନେଇ ସନ୍ଦେହ କରିଥିଲା। ଏ ନେଇ ସେ ସମୟରେ ଏକ ଅପମୃତ୍ୟୁ (ନଂ. ୧/୧୪) ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ତଦନ୍ତ ବଢ଼ିବା ସହ ଏହା ଏକ ହତ୍ୟାକାଣ୍ଡ ଏବଂ ଏଥିରେ ଏକାଧିକ ଲୋକ ସଂପୃକ୍ତ ନେଇ ସନ୍ଦେହ ହୋଇଥିଲା। ଏହାକୁ ଆଧାର କରି ପୋଲିସ ପୁଣି କେସ ନଂ ୧୦୦/୧୮କୁ ପରିବର୍ତ୍ତନ କରି ତଦନ୍ତକୁ ଗତିଶୀଳ କରିଥିଲା। ଅଭିଯୁକ୍ତ ଭୁବନେଶ୍ୱରରେ ଥିବା ନେଇ କୌଣସି ସୂତ୍ରରୁ ଖବରପାଇ ପୋଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା।।

## ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ, ରଜ ମଉଜ

**ଫୁଲବାଣୀ ଅଫିସ, ୧୪।୬:** ଫୁଲବାଣୀ ଡ୍ୟାନ୍ସ ଏକାଡ଼େମୀର ବାର୍ଷିକ ଉତ୍ସବ ଓ ରଜ ମଉଜ-୨୦୧୯ ସ୍ଥାନୀୟ ଗାନ୍ଧୀ ସ୍ମୃତି ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲ୍ଲିକ, ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଅବସରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ଅନିଲ କୁମାର ପ୍ରଧାନ ଯୋଗଦେଇ ରଜ କିଭଳି ଆମ ସଂସ୍କୃତି ସହ ଜଡିତ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରବୀଣ ତଥା ନବାଗତ କଳାକାର ମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ଭଜନ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଡ୍ୟାନ୍ସ ଏକାଡେମୀ ସଭାପତି ଭାଗବତ ବେହେରା, ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ସହ ରଜ ମଉଜ ପାଳନ ହୋଇଥିଲା।

## ତିନି ରଥ ରହିବା ସ୍ଥାନ ସମତଳ ପାଇଁ ଦାବି

**ଜି.ଉଦୟଗିରି,୧୪।୬(ଡି.ଏନ.ଏ.):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଖେଇ ଆସୁଛି। କିନ୍ତୁ ଜି.ଉଦୟଗିରିସ୍ଥିତ ତିନି ରଥ ରହିବା ସ୍ଥାନ ଖାଲ ଢିପ ହୋଇଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତେଣୁ ରଥ ରହିବା ସ୍ଥାନ ଶୀଘ୍ର ସମତଳ କରିବା ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଏକ ଅନୁରୋଧ ପତ୍ର ଜି.ଉଦୟଗିରି ଏନ୍‌ଏସିକୁ ଦିଆଯାଇଛି ବୋଲି ମନ୍ଦିର କମିଟି ସଭାପତି ବିନୋଦ ବିହାରୀ ଦାଶ କହିଛନ୍ତି। ରଥ ରହିବା ସ୍ଥାନ ସମତଳ କରାନଗଲେ ବାହୁଡ଼ା ଦିନ ତିନି ରଥ ରହିବାରେ ଅସୁବିଧା ହେବ ବୋଲି ସେ କହିଛନ୍ତି। ତିନି ରଥ ବାହୁଡ଼ା ଦିନ ଗୁଣ୍ଡିଚା ମନ୍ଦିରରୁ ଫେରିବା ପରେ ଜଗନ୍ନାଥ ମନ୍ଦିର ନିକଟସ୍ଥ ଭଞ୍ଜ ମାର୍କେଟ ସମ୍ମୁଖରେ ରହେ। ରଥାରୂଢ଼ ଠାକୁରମାନଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଦଶମୀ, ଏକାଦଶୀ ଓ ସୁନାବେଶ କରାଯାଏ। ଶତାଧିକ ଭକ୍ତ ଠାକୁରଙ୍କ ଦର୍ଶନ କରନ୍ତି ଓ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ଭଜନ ହୁଏ। ତେଣୁ ରଥଯାତ୍ରା ପୂର୍ବରୁ ରଥ ରହିବା ସ୍ଥାନ ସମତଳ କରିବା ପାଇଁ ମନ୍ଦିର କମିଟି ଓ ଜନସାଧାରଣଙ୍କ ତରଫରୁ ଦାବି ହେଉଛି। ଏ ସମ୍ପର୍କରେ ଜି.ଉଦୟଗିରି ଏନ୍‌ଏସିର ଯନ୍ତ୍ରୀ ନୀଳକଣ୍ଠ ନାୟକଙ୍କୁ ପଚାରିବାରୁ ରଥ ରହିବା ସ୍ଥାନକୁ ଗୁଣ୍ଡିଚା ଯାତ୍ରା ପୂର୍ବରୁ କଙ୍କ୍ରିଟ କରି ନିର୍ମାଣ ଶେଷ ହେବ ବୋଲି କହିଥିଲେ। ଏଥିପାଇଁ ଟେଣ୍ଡର କାମ ଶେଷ ହୋଇଛି ଓ ଅତିଶୀଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।

### ■ ପାନୀୟ ଜଳ ସଙ୍କଟ
# ବାଡ଼ିପାଙ୍ଗାବାସୀଙ୍କ ଭରସା ପରିତ୍ୟକ୍ତ କୂଅ

ତୁମୁଡ଼ିବନ୍ଧ,୧୪।୬(ଡି.ଏନ୍.ଏ.)

ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା। ଭୂପୃଷ୍ଠ ଜଳସ୍ତର କମିବା ସହ ନଦୀ ନାଳ ପୋଖରୀ ଶୁଖିଯାଇଛି। କୂଅର ଗୋଳିଆ ପାଣି ଉପରେ ଭରସା କରୁଛନ୍ତି ଲୋକେ। ଏପରି ସମସ୍ୟା ଦେଖିବାକୁ ମିଳିଛି କରୁକୁଡୁପା ପଞ୍ଚାୟତ ବାଡ଼ିପାଙ୍ଗା ଗ୍ରାମରେ। ଗ୍ରାମର ମହିଳା ଓ ପୁରୁଷ ଖୋଲାକୂଅର ଗୋଳିଆ ପାଣି ପିଉଛନ୍ତି। ବାଡ଼ିପାଙ୍ଗା ଗ୍ରାମରେ ୪୨ ପରିବାରର ପ୍ରାୟ ୩୦୦ ଲୋକ ବସବାସ କରନ୍ତି। ଗ୍ରାମରେ ୨ଟି ନଳକୂପ ଅଚଳ ହୋଇ ୨ବର୍ଷ ହେବ ପଡିରହିଛି। ତାହା ମରାମତି କଲେ ମଧ୍ୟ ଭଲ ପାଣି ବାହାରୁ ନାହିଁ। ଚୁଆକୁ ଭରସା କରିଥିବାବେଳେ ତାହା ମଧ୍ୟ ଶୁଖିଗଲାଣି। ଗାଁ ପାଖ ତମ୍ଭାକେତାଠାରେ ୪୦ବର୍ଷ ପୂର୍ବେ ଖୋଳାଯାଇଥିବା ଏକ କୂଅ ଏବେ ଗ୍ରାମବାସୀଙ୍କ ଭରସା। ଉକ୍ତ ପରିତ୍ୟକ୍ତ କୂଅରୁ ଗ୍ରାମର ମହିଳାମାନେ ହାଣ୍ଡି ବାଲ୍‌ଟି ଧରି ପାଣି ସଂଗ୍ରହ କରୁଛନ୍ତି। ଗୋଳିଆ ପାଣି ବାହାରୁ ଥିବାରୁ ଘରକୁ ନେଇ କିଛି ସମୟ ରଖିବା ପରେ ଉକ୍ତ ପାଣିକୁ


ପରିତ୍ୟକ୍ତ କୂଅରୁ ପାଣି ନେଉଛନ୍ତି ମହିଳାମାନେ।

ପିଇବା ଓ ରୋଷେଇରେ ବ୍ୟବହାର କରୁଛନ୍ତି। ଏନେଇ ପୂର୍ବତନ ୱାର୍ଡ ମେମ୍ବର ପ୍ରଜେନ୍ଦ୍ର ମାଝୀ କହିଛନ୍ତି ଯେ, ନୂତନ ଭାବେ ୨ଟି ନଳକୂପ ଖୋଳାଯାଇ ସୌରଚାଳିତ ପମ୍ପ ସଂଯୋଗ କରି ପାନୀୟ ଜଳର ବ୍ୟବସ୍ଥା କରାଯାଉ। ଏନେଇ ତୁମୁଡ଼ିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଦେବ ଦାସଙ୍କୁ ପଚାରିବାରୁ ସେ ତୁରନ୍ତ ଅଚଳ ହୋଇ ପଡ଼ିରହିଥିବା ନଳକୂପ ମରାମତି କରାଯିବା ସହ ପରିତ୍ୟକ୍ତ କୂଅର ପୁନରୁଦ୍ଧାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଘର କରାଇ ଦେବା ବାହାନାରେ ଅର୍ଥ ଆଦାୟ ଅଭିଯୋଗ

ଖଜୁରିପଡ଼ା,୧୪।୬(ଡି.ଏନ୍.ଏ.)

ସରକାର ଗରିବ, ବାସହୀନ ପରିବାରଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଓ ବିଜୁ ପକ୍କାଘର ଯୋଜନା କରିଛନ୍ତି। ଜିଲାର ପ୍ରତି ଗ୍ରାମରେ ପଲ୍ଲିସଭା ଓ ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ପ୍ରକୃତ ଭୂମିହୀନ ଓ ବାସହୀନଙ୍କୁ ଚିହ୍ନଟ କରାଯାଇ ବ୍ଲକ ସ୍ତରରେ ବାସଗୃହ କାର୍ଯ୍ୟଦେଶ ବଣ୍ଟନ କରିବାକୁ କଡ଼ା ନିୟମ ପ୍ରୟଣନ ହୋଇଛି। କିନ୍ତୁ କେତେକ ବ୍ୟକ୍ତି ଗରିବ ଲୋକଙ୍କ ସରଳାତାର ସୁଯୋଗ ନେଇ ବାସଗୃହ କରାଇ ଦେବାକୁ କହି ସ୍ଥାନୀୟ ପଞ୍ଚାୟତ ସରପଞ୍ଚଙ୍କ ନାଁରେ ଲୋକଙ୍କଠାରୁ ଡକ୍ୟୁମେଣ୍ଟ ଓ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର କରାଇ ଦେବୁ କହି କେତେକ ବ୍ୟକ୍ତି ଘର ଘର ବୁଲି ଡକ୍ୟୁମେଣ୍ଟ ଓ ଅର୍ଥ ଆଦାୟ କରୁଥିବା ସରପଞ୍ଚ ଅଜୟ କୁମାର ମଲିକଙ୍କୁ କେତେଜଣ ବ୍ୟକ୍ତି ସୂଚନା ଦେଇଛନ୍ତି। କୌଣସି ବ୍ୟକ୍ତିଙ୍କୁ ବାସଗୃହ ବାବଦରେ ଡକ୍ୟୁମେଣ୍ଟ ନଦେବାକୁ ସରପଞ୍ଚ ଅନୁରୋଧ କରିଛନ୍ତି। ଯେଉଁ ଡକ୍ୟୁମେଣ୍ଟ ଦେବାର ଅଛି ତାହା ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ ଦିଅନ୍ତୁ। ତେବେ ଶୀଘ୍ର ଏହାକୁ ରୋକିବା ଲାଗି ଏକ ସଚେତନତା କାର୍ଯ୍ୟକ୍ରମ କରିବାକୁ ପ୍ରଶାସନ ପାଖରେ ସେ ଦାବି କରିଛନ୍ତି।

### ■ ଦାରିଙ୍ଗବାଡ଼ିରେ ୩ ଦିନିଆ ବଜାର
## ଆମ୍ବ, କ୍ଷୁଦ୍ରଶସ୍ୟର ଚାହିଦା ବଢ଼ିଛି

ଦାରିଙ୍ଗବାଡ଼ି,୧୪।୬(ଡି.ଏନ.ଏ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଚାଷୀଙ୍କ ଅମଳ ହୋଇଥିବା ଆମ୍ବ ଏବଂ କ୍ଷୁଦ୍ରଶସ୍ୟର ବଜାର ୩ ଦିନ ପାଇଁ ଖୋଲାଯାଇଛି। ଦାରିଙ୍ଗବାଡ଼ିର ମୁଖ୍ୟ ଚାରିଛକ କଡ଼ରେ ଏହି ଦୋକାନ ଖୋଲାଯାଇ ଜୈବିକ ପଦ୍ଧତିରେ ଚାଷ କରାଯାଇଥିବା ବିଭିନ୍ନ କିସମର ଆମ୍ବ ସମେତ ମାଣ୍ଡିଆ ଚୁନା, କାଙ୍ଗୁ, କୁଏରି, ଜନା ଆଦି ବିକ୍ରି କରାଯାଇଛି। ଏବେ ଏହାର ଚାହିଦା ବୃଦ୍ଧି ପାଇଥିବା ବେଳେ ଏହି ବଜାର ଉପରେ ସ୍ଥାନୀୟ ଲୋକଙ୍କ ସମେତ ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକ ବିଶେଷ କରି ପଶ୍ଚିମବଙ୍ଗ ପର୍ଯ୍ୟଟକମାନେ ଏହା କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଦାରିଙ୍ଗବାଡ଼ି ବ୍ଲକ ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଓଡ଼ିଶା ମିଲେଟ ମିଶନ ଯୋଜନା ପକ୍ଷରୁ କ୍ଷୁଦ୍ରଦାନା ଶସ୍ୟ ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ନିମନ୍ତେ ଦାରିଙ୍ଗବାଡିଠାରେ ୨୦୧୭ଜୁନଠାରୁ ଏହାର ବଜାର ଖୋଲାଯାଉଛି। ଚଳିତ ବର୍ଷ ମଧ୍ୟ ଏହା ଖୋଲାଯାଇଛି। ଏହି ଚାଷ ମିଲେଟ ମିଶନ ପକ୍ଷରୁ ଜାଗୃତିର ସହଭାଗିତାରେ ପ୍ରଥମେ ଦାରିଙ୍ଗବାଡ଼ି ଅଞ୍ଚଳରେ ପ୍ରାୟ ୨୫ଶହ ଚାଷୀଙ୍କୁ ନେଇ ଆରମ୍ଭ କରାଯାଇଥିଲା। ଅଞ୍ଚଳର ଦାରିଙ୍ଗବାଡ଼ି ସମେତ ଭ୍ରମରବାଡ଼ି, ସିଆଙ୍ଗବାଲି, ବାଡାବାଙ୍ଗା, ପର୍ତ୍ତମାହା, ଦନେକବାଡ଼ି, ସିର୍କାବର୍ଗ, ସୋନପୁର ଗ୍ରୀନବାଡ଼ି, ଆଦି ଅଞ୍ଚଳରେ ଏହି ଚାଷ ବହୁଳ ମାତ୍ରାରେ କରାଯାଉଛି। ଏହାର ବିକ୍ରି ପାଇଁ ସରକାରଙ୍କ ଜନଜାତି ଉନ୍ନୟନ ସମବାୟ ସମିତିରେ ଚଳିତ ବର୍ଷ କିଣାଯାଇ ପ୍ରାୟ ୧୫୦ କ୍ୱିଣ୍ଟାଲ ଗଚ୍ଛିତ ରଖାଯାଇଛି। ଅଞ୍ଚଳରେ କ୍ଷୁଦ୍ରଦାନା ଶସ୍ୟ ଚାଷ କରିବାକୁ ଚାଷୀଙ୍କ ମଧ୍ୟରେ ପୂର୍ବପେକ୍ଷା ଏବେ ଆଗ୍ରହ ବୃଦ୍ଧି ପାଉଛି। ସେହିପରି ଦିନକୁ ଦିନ ଏହାର ଚାହିଦା ଏବଂ ବ୍ୟବହାର ମଧ୍ୟ ବୃଦ୍ଧି ପାଉଥିବା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି। ଏହି ମିଲେଟ ଦାୟିତ୍ୱରେ ମହେନ୍ଦ୍ର ପରିଡ଼ା ତଦାରଖ କରୁଥିବା ବେଳେ ବଜାରକୁ ମଧ୍ୟ ସେ ପରିଚାଳନା କରିଛନ୍ତି।


ଆମ୍ବ ଏବଂ କ୍ଷୁଦ୍ରଦାନା ଶସ୍ୟ ବଜାର ପ୍ରାଙ୍ଗଣ।

## ମାଣ୍ଡିଆ ଚାଷ ପ୍ରଣାଳୀ ପ୍ରଶିକ୍ଷଣ ଶିବିର

ଫୁଲବାଣୀ ଅଫିସ, ୧୪।୬

କନ୍ଧମାଳ ଜିଲା ରାଇକିଆଠାରେ ମାଣ୍ଡିଆ ଚାଷୀମାନଙ୍କ ନିମନ୍ତେ ୨ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମିଲେଟ୍ ମିଶନ ଓ ସ୍ୱାତୀ ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୦ ଜଣ ଚାଷୀଙ୍କୁ ଖୁଦ୍ରଦାନା ଶସ୍ୟ ମାଣ୍ଡିଆ ଚାଷର ସଘନ ପ୍ରଣାଳୀର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କେଉଁ ପଦ୍ଧତିରେ କରାଯିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସଘନ ଚାଷ ପ୍ରଣାଳୀ ମାଧ୍ୟମରେ ବ୍ୟବହାର କରାଯାଉଥିବା ବିଭିନ୍ନ ଫସଲ ଓ ଅନ୍ତଃଚାଷ, ଧାଡ଼ି ଲଗା ଓ ଧାଡ଼ି ବୁଣା ବିଷୟରେ ଚାଷୀମାନଙ୍କୁ ତାଲିମ୍ ଦିଆଯାଇଥିଲା। ସେହିପରି ଜୈବିକ ପ୍ରଣାଳୀରେ କରାଯାଉଥିବା ଚାଷର ମହତ୍ତ୍ୱ ବିଷୟରେ ତାଲିମ୍ ଦେବା ସହ ଉତ୍କୃଷ୍ଟ ଧରଣର ଫସଲ ଆମଦାନୀ କରିବା ପାଇଁ ହାଣ୍ଡି ଖତ, ଜୀବାମୃତର ପ୍ରସ୍ତୁତି ଓ ବ୍ୟବହାର, ଚାରା ପକାଇବା ଓ ପଟାଳି ତିଆରି କରିବା ପ୍ରଣାଳୀ ଉପରେ ମଧ୍ୟ ତାଲିମ୍ ପ୍ରଦାନ କରାଯାଇଥିଲା। ଏଥିସହିତ କୃଷିକୁ ବ୍ୟାପକ କରିବା ପାଇଁ ପତିତ ଜମିରେ ବୃକ୍ଷରୋପଣ କରିବା,


ଚାଷୀଙ୍କୁ ବିଭିନ୍ନ କିସମର ମଞ୍ଜି ପ୍ରଦାନ କରାଯାଉଛି।

ଫଳ ଓ ପନିପରିବା ଚାଷର ଉପାଦେୟତା ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ଦିଆ ଯାଇଥିଲା। ତାଲିମ୍ କାର୍ଯ୍ୟକ୍ରମରେ ରାଇକିଆ କୃଷି ଅଧିକାରୀ ଗୋବର୍ଦ୍ଧନ ପ୍ରଧାନ, କନିଷ୍ଠ କୃଷି ଅଧିକାରୀ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ସୁଦୀପ୍ତ ପ୍ରଧାନ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଲୋକନାଥ ସାହୁ, ହରିଶ ନାୟକ ପ୍ରମୁଖ ତାଲିମଦାତା ରୂପେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାଷୀମାନଙ୍କ ପାଇଁ ନିୟମିତ ଏପରି ତାଲିମ୍‌ର ଆବଶ୍ୟକତା ଥିବା କହିଥିଲେ। ଏଥିସହିତ ଚାଷୀମାନେ ନିଜ ନାମ ପଞ୍ଜୀକରଣ, ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବା ପ୍ରକ୍ରିୟା, ପତିତ ଜମିରେ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀମାନଙ୍କୁ ଅନ୍ତ ଚାଷ ନିମନ୍ତେ କୃଷି ବିଭାଗ ଦ୍ୱାରା ମିଠା ଓ ସାଦା ମକାମଞ୍ଜି ଏବଂ ହରଡ ମଞ୍ଜି ବଣ୍ଟନ କରାଯାଇଥିଲା। ସ୍ୱାତୀର କର୍ମୀ ଗିରିଶ ଚନ୍ଦ୍ର ସାମଲ ଓ ଅମିତ୍ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନଦୀରେ ବୁଡି ଛାତ୍ର ମୃତ

କ.ନୂଆଗାଁ,୧୪।୬(ଡି.ଏନ୍.ଏ.)

କ.ନୂଆଗାଁ ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ସେନୀ ନଦୀରେ ବୁଡି ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଡାପାଙ୍ଗା ଗ୍ରାମର ଚନ୍ଦନ ପରିଛା। ଏ ନେଇ ପୋଲିସ ନଂ.୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।ପ୍ରକାଶ ଯେ, ଉକ୍ତ ଗ୍ରାମର ବରଡ଼ ବିଦେଶୀ ପରିଛାଙ୍କ ସ୍ତ୍ରୀ ଓ ପୁଅ ଚନ୍ଦନ ୨ ଦିନ ତଳେ ନେଡିଗୁଡ଼ା ଗ୍ରାମର ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସକାଳ ୯ଟାରେ ଚନ୍ଦନ ସାଙ୍ଗମାନଙ୍କ ସହିତ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କ.ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। କ.ନୂଆଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ମେଡିକାଲ ପଠାଇଥିଲା। ଏଏସ୍‌ଆଇ ବୀରେନ୍ଦ୍ର ପ୍ରଧାନ ଘଟଣାର ତଦନ୍ତ ଚଳାଇଥିବା ଓଆଇସି ପ୍ରକାଶ ଚନ୍ଦ୍ର ପ୍ରଧାନ କହିଛନ୍ତି।

## କ୍ଷତିଗ୍ରସ୍ତ ଗାଁ ବୁଲି ଦେଖିଲେ ବିଧାୟକ

ରାଇକିଆ,୧୪।୬(ଡି.ଏନ୍.ଏ.)

ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତର ବାଡ଼ାମାହା ଓ କଡିଙ୍ଗିଆ ଗ୍ରାମରେ ବୁଧବାର ରାତିରେ କୁଆପଥର ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଭେଟିଛନ୍ତି। ସମସ୍ତ କ୍ଷତିଗ୍ରସ୍ତ ପରିବାର ରିଲିଫ କୋଡ ଅନୁଯାୟୀ ଯେପରି ସହାୟତା ପାଇବେ ସେ ନେଇ ଆର୍‌ଆଇଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର ମଧ୍ୟ ବୁଲି ଦେଖିଥିଲେ। କୁଆପଥର ମାଡ଼ରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଆଜ୍‌ବେଷ୍ଟସ ଭାଙ୍ଗିବା ସହ ପନିପରିବା ଚାଷ ନଷ୍ଟ ହୋଇଥିଲା।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିଦ୍ୟାଳୟରେ ରକ୍ତଦାନ ଶିବିର, ୨୭ ୟୁନିଟ ରକ୍ତ ସଂଗ୍ରହ


ଜଣେ ମହିଳା ରକ୍ତଦାନ କରୁଛନ୍ତି।

ବାଲିଗୁଡା,୧୪।୬(ଡି.ଏନ୍.ଏ.)

ଶିକ୍ଷାନିକେତନ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବନଖଣ୍ଡ ଅଧିକାରୀ ବିଶ୍ୱନାଥମ ନୀଳାଧରମ, ଡାକ୍ତର କେଦାର ପାଢୀ ଯୋଗ ଦେଇଥିବାବେଳେ ଶିକ୍ଷାନିକେତନ ବିଦ୍ୟାଳୟର ସଭାପତି ରାଜକିଶୋର ପାଢୀ, ପ୍ରାଧନ ଶିକ୍ଷକ ପଞ୍ଚାନନ ସାହୁ, ସମ୍ପାଦକ ରେଖାରାଣୀ ମହାପାତ୍ର, ଉପଦେଷ୍ଟା ଭଗବାନ ଜେନା ଓ ଶିକ୍ଷକ ସୁଦାମ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲିଗୁଡା ଅଞ୍ଚଳରେ ପ୍ରଥମ ଥର ପାଇଁ ଏକ ଶିକ୍ଷାନୁଷ୍ଠାନ ରକ୍ତଦାନ ଶିବିରର ଆୟୋଜନ କରିଥିବା ଭଗବାନ ଜେନା କହିଛନ୍ତି। ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ କର୍ମଚାରୀ ଓ ଶିକ୍ଷାନିକେତନର କର୍ମଚାରୀମାନେ ସହଯୋଗ କରିଥିଲେ। ମୋଟ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ କରିଥିବା ବ୍ୟକ୍ତିଙ୍କୁ ମାନପତ୍ର ଦିଆଯାଇଥିଲା।

## ଶିକ୍ଷକଙ୍କ ଘରୁ ଲୁଟ ଘଟଣାରେ ଅନ୍ୟ ଜଣେ ଗିରଫ
### ■ ଖଣ୍ଡା ସହ ୧୦ ହଜାର ଟଙ୍କା ଜବତ

**ଶଙ୍କରାଖୋଲ,୧୪।୬(ଡି.ଏନ୍.ଏ.)**

ଚକାପାଦ ଥାନା କଖାରୁଖୋଲା ପଞ୍ଚାୟତର, ଘାଟିଗୁଡ଼ା ଗ୍ରାମରେ ଏପ୍ରିଲ ୨୬ ରାତିରେ ୯ ଜଣ ଦୁର୍ବୃତ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ପଟ୍ଟନାୟକଙ୍କ ଘରୁ ଲୁଟ୍ ଘଟଣାରେ ଶୁକ୍ରବାର ପୋଲିସ ଅନ୍ୟ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଭାଡ଼ିକିଆ ଗାଁର ସତ୍ୟବାନ୍ ମହାରଣା। ତାଙ୍କଠାରୁ ଗୋଟିଏ ଖଣ୍ଡା, ୧୦ ହଜାର ଟଙ୍କା ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଅନ୍ୟ ୩ ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ଚକାପାଦ ଥାନାଧିକାରୀ ତପନ ତରୁଣ ବେହେରା କହିଛନ୍ତି।

ପ୍ରକାଶ ଯେ, ଏପ୍ରିଲ ୨୬ରେ ରାତିରେ ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ଶିକ୍ଷକଙ୍କୁ ବନ୍ଧୁକ ଦେଖାଇ ତାଙ୍କ ଘରୁ ୧୦ ଭରି ସୁନା, ୬୦ ହଜାର ଟଙ୍କା, ମୋବାଇଲ ୪ଟି ଓ ଦୁଇ ତୋଳା ରୁପା ଲୁଟି ନେଇଥିଲେ। ଏହି ଘଟଣାରେ କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସ୍କାଡ୍ ଗଠନ କରି ଦଶପଲା, ନୟାଗଡ଼ ଓ ଇଟାମାଟି ଅଞ୍ଚଳରୁ ୫ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୧୦ ହଜାର ଟଙ୍କା, ଗୋଟିଏ ସୁନା ମାଳି, ବୋଲେରୋ, ୪ ଖଣ୍ଡା ଓ ୫ ଅଫୁଟା ବୋମା ଜବତ ହୋଇଥିଲା।

## ହିଲ୍‌ଭିୟୁ ପାର୍କରେ ଫୁଡ୍ ଫେଷ୍ଟିଭାଲ ଉଦ୍‌ଘାଟିତ

ଦାରିଙ୍ଗବାଡ଼ି,୧୪।୬(ଡି.ଏନ.ଏ)

ଦାରିଙ୍ଗବାଡ଼ି ହିଲ୍‌ଭିୟୁ ପାର୍କଠାରେ ଶୁକ୍ରବାର ସନ୍ଧ୍ୟାରେ ୩ ଦିନିଆ ଫୁଡ୍ ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଶାସନର ସହାୟତା ଏବଂ ଜାଗୃତିର ସହଯୋଗରେ ରଜ ପର୍ବ ଅବସରରେ ଜନସଚେତନତା ସୃଷ୍ଟି କରାଯାଇ ରାଜ୍ୟ ସରକାରଙ୍କ ମିଲେଟ ମିଶନ ଯୋଜନାରେ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା କ୍ଷୁଦ୍ରଦାନା ଶସ୍ୟ ତଥା କୁଏରୀ, କାଙ୍ଗୁ, ଜନା, ମାଣ୍ଡିଆରେ ପ୍ରସ୍ତୁତୀ ବିଭିନ୍ନ ପ୍ରକାର ଖାଦ୍ୟ ତଥା ପକୁଡ଼ି, ଗୁଲୁଗୁଲା, ପିଆଜୀ, ବରା, କାକରା ପିଠା, ଲଡ୍ଡୁ, ଖିରି ଆଦି


ଫୁଡ୍ ଫେଷ୍ଟିଭାଲରେ ବିଧାୟକ ଏବଂ ପର୍ଯ୍ୟଟକମାନେ ଖାଦ୍ୟ ନେଉଛନ୍ତି।

ପ୍ରସ୍ତୁତ କରାଯାଇ ଲୋକଙ୍କୁ ଖାଇବାକୁ ଦିଆଯାଇଥିଲା। ଏଥିସହ ପ୍ରସ୍ତୁତ ପ୍ରଣାଳୀ ମଧ୍ୟ ଶିଖା ଯାଇଥିଲା। ମିଲେଟ ମିଶନର ମୁଖ୍ୟ ତଥା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, କାର୍ଯ୍ୟକ୍ରମର ସଂଯୋଜକ ମହେନ୍ଦ୍ର ପରିଡ଼ା, ଯୁବରାଜ ଅଧିକାରୀ, ରତିକାନ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ହିମଗିରି କଳାପରିଷଦର ସଭାପତି ପତିତପାବନ ରାଉତ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଶିକ୍ଷକ ବିଦେଶୀ ନାୟକ, ବହୁମୁଖି ସମବାୟ ସମିତିର ସଭାପତି ଧର୍ମେନ୍ଦ୍ର ପ୍ରଧାନ, ପର୍ତ୍ତମାହାର ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, ଅତିଥି ଭବେ ଯୋଗଦେଇଥିଲେ। ମନୋଜ ନାୟକ, ଅନ୍ତରଙ୍ଗ ଯୁବସଂଘର ଜିଲାସମ୍ପାଦକ ଦିଲିପ କୁମାର ସାହୁ, ବ୍ଲକ ସଂଯୋଜକ ଧନେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ରବିବାର ଦିନ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।

